ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.208 Bhubaneswar Friday October 07 2022 | ୨୫ତମ ବର୍ଷ ସଂଖ୍ୟା-୨୦୮ ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୦୭, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS


# ଦଳୀୟ ପ୍ରଚାରରେ ମହିଳା ଏସଏଚ୍‌ଜିଙ୍କୁ ଉପଯୋଗ କରୁଛନ୍ତି ରାଜ୍ୟ ସରକାର: ବିଜେପି

ଭୁବନେଶ୍ୱର,୬।୧୦(ପି.ଏନ): ମହିଳା ସଶକ୍ତିକରଣ ଆଳରେ ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଜେଡିର କର୍ମୀ ଭଳି ଦଳୀୟ ପ୍ରଚାର ଓ ଆତ୍ମରକ୍ଷା କାର୍ଯ୍ୟରେ ରାଜ୍ୟ ସରକାର ନିୟୋଜିତ କରୁଛନ୍ତି ବୋଲି ବିଜେପି ଅଭିଯୋଗ କରିଛି । ରାଜ୍ୟ ବିଜେପି ମହିଳା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିବା ସହ ଓଡିଶାରେ ମିଶନଶକ୍ତି ପଥଭ୍ରଷ୍ଟ ହୋଇଛି ବୋଲି କହିଛନ୍ତି । ମିଶନଶକ୍ତିର ଉଦ୍ଦେଶ୍ୟ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇ ସେମାନଙ୍କ ଦକ୍ଷତା, କ୍ଷମତା, ଆର୍ଥିକ ସ୍ୱଚ୍ଛଳ କରାଇବ । କିନ୍ତୁ ଓଡିଶାରେ ମହିଳା ଅସୁରକ୍ଷିତ ହେବା ସହ ମିଶନଶକ୍ତି ବି ପଥଭ୍ରଷ୍ଟ ହୋଇଛି ।ବିଭିନ୍ନ ସମୟରେ ଶାସକ ବିଜେଡିର ଦଳୀୟ ସଭାସମିତି, ସରକାରୀ ସଭା ଓ ନିର୍ବାଚନ ସମୟରେ ମଧ୍ୟ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ବିଜେଡିର ଦଳୀୟ ରଙ୍ଗ ସବୁଜ ଶା? ପିନ୍ଧାଇ ଦଳୀୟ ପତାକା ଧରାଇ ଦଳୀୟ କର୍ମୀଭାବେ ତାଙ୍କୁ ବ୍ୟବହାର କରାଯାଉଥିବାର ଅନେକ ନଜିର ରହିଛି । ଏପରିକି ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ପଦାରେ ପଡିଯିବା ସମୟରେ ତଥା ଦୁଷ୍କର୍ମ, ହତ୍ୟା, ଅପରାଧ ଘଟଣାରେ ସଂପୃକ୍ତ ମନ୍ତ୍ରୀ, ବିଧାୟକମାନଙ୍କର ଅପରାଧ ଘଟଣାକୁ ଘଂଟ ଘୋଡାଇବା ପ୍ରାୟୋଜିତ



ସଭାସମିତିରେ ସେମାନଙ୍କୁ ଛିଡା କରାଇବାକୁ ରାଜ୍ୟର ବିଜେଡଇ ସରକାର ପଛାଉ ନାହାନ୍ତି । ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କ ପାଇଁ କୌଣସି ୟୁନିଫର୍ମ ଶା? ବା ପୋଷାକ ପିନ୍ଧିବାର ବ୍ୟବସ୍ଥା ଦେଶର ଆଇନରେ ନଥିବାବେଳେ ସେମାନଙ୍କୁ ସବୁଜ ରଙ୍ଗର ଶା? ପିନ୍ଧ?ଇବା ପାଇଁ ଓଡିଶା ମିଶନ ଶକ୍ତିକୁ କିଏ ଅଧିକାର ଦେଲା ବୋଲି ଶ୍ରୀମତୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି ।ସ୍ୱୟଂ ସହାୟିକା ଗୋଷ୍ଠୀଙ୍କର ଦକ୍ଷତା ବିକାଶ ନିମନ୍ତେ ପ୍ରଶିକ୍ଷଣ ଦିଆଯାଉନାହିଁ । ଅଥଚ ସେମାନଙ୍କୁ ମିଶନଶକ୍ତିର ସଭା ନାଁରେ ସରକାରୀ ଖର୍ଚ୍ଚରେ ସଭାକୁ ଡାକି ମନ୍ତ୍ରୀ, ବିଧାୟକମାନେ ତାଙ୍କ ସମ୍ମୁଖରେ ବିଜେଡିର ଗାଥା କେବଳ ଗାଉଛନ୍ତି । ଏହାଦ୍ୱାରା ସେମାନଙ୍କର କେଉଁ ଦକ୍ଷତାର ବିକାଶ ହେଉଛି ବୋଲି ରାଜ୍ୟ ସରକାର ସାଧାରଣରେ ଜବାବ ରଖିବା ପାଇଁ ଶ୍ରୀମତୀ ପଟ୍ଟନାୟକଙ୍କୁ ଆହ୍ୱାନ ଦେଇଛନ୍ତି ।ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ମହିଳାଙ୍କୁ ସବୁଦିଗରୁ ସ୍ୱାବଲମ୍ବୀ ଓ ଦକ୍ଷ କରାଇବା ନିମନ୍ତେ କେନ୍ଦ୍ର ସରକାର ଅନେକ ଯୋଜନା ଓ ଅର୍ଥ ବ୍ୟବସ୍ଥା କରିଥିବାବେଳେ ଓଡିଶାରେ ରାଜ୍ୟ ସରକାର ମିଶନଶକ୍ତିକୁ ଅପବ୍ୟବହାର କରୁଛନ୍ତି । ମିଶନଶକ୍ତି ମାଧ୍ୟମରେ ପ୍ରଶାସନିକ ଚାପ ପ୍ରୟୋଗ କରି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ଦଳୀୟ କାର୍ଯ୍ୟରେ ଲିପ୍ତ କରି ବିଜେଡି ନିଜର ସଭାସମିତିକୁ ସଶକ୍ତ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଅଗଣତାନ୍ତ୍ରିକ ବୋଲି ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ।ସେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ ଆସନ୍ତା ୮ ତାରିଖରେ ନିମାପଡାଠାରେ ମିଶନଶକ୍ତି ମାଧ୍ୟମରେ ମହିଳା ଏସଏଚ୍‌ଜିଙ୍କ ଏକ ସଭାର ଆୟୋଜନ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଛି । ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଘଟଣାରେ ବିବାଦୀୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଘଂଟ ଘୋଡାଇବା ନିମନ୍ତେ ତରବରିଆ ଭାବେ ଏହି ମହିଳା ସମାବେଶ କରାଯାଉଛି ଓ ସେଥିରେ ସାମିଲ ହେବାକୁ ମିଶନଶକ୍ତି ମହିଳା ଏସଏଚ୍‌ଜିମାନଙ୍କୁ ସରକାରୀ ଭାବେ ନିର୍ଦ୍ଦେଶ ଦିଆଯାଇଛି । ତେଣୁ ରାଜନୀତିକ ଉଦ୍ଦେଶ୍ୟ ରଖି ଏଭଳି ସଭାସମିତିରୁ ଓଡିଶାର ମିଶନଶକ୍ତି ମହିଳାମାନଙ୍କୁ ଦୂରେଇ ରଖିବାକୁ ରାଜ୍ୟ ପଦକ୍ଷେପ ନନେଲେ ଭବିଷ୍ୟତରେ ଏହାର ପରିଣାମ ପାଇଁ ସରକାର ଦାୟୀ ରହିବେ ବୋଲି ଶ୍ରୀମତୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି ।

## ଆଇପିଏସ ବାବୁ ଦେବେନି କି ସଂପତ୍ତି ତାଲିକା ?

ଭୁବନେଶ୍ୱର,୬।୧୦(ପି.ଏନ): ସମ୍ପତ୍ତି ତାଲିକା ଦେଉନାହାନ୍ତି ରାଜ୍ୟର ୮ ଆଇପିଏସ୍। ୧୨୬ ଆଇପିଏସରୁ ୮ଜଣ ଦେଇନାହାନ୍ତି ସମ୍ପତ୍ତି ତାଲିକା। ବର୍ଷ ଶେଷରେ ସମସ୍ତ ଆଇପିଏସ୍ ସମ୍ପତ୍ତି ତାଲିକା ଦେବାକୁ ବାଧ୍ୟ। କେବଳ ମିଳୁଛି ଆଇପିଏସଙ୍କ ସ୍ଥାବର ବା ଅଚଳ ସମ୍ପତ୍ତି ତାଲିକା। ଅସ୍ଥାବର ବା ସଚଳ ସମ୍ପତ୍ତି ଦେଇଛନ୍ତି କେବଳ ଜଣେ ଆଇପିଏସ୍। ଏଚ୍‌ଆରଏମ୍‌ଏସ୍ ପୋର୍ଟାଲରେ ବି ଦେଉନାହାନ୍ତି ସମ୍ପତ୍ତି ତାଲିକା ।ଆଇଏଏସ୍ ଅଫିସରଙ୍କ ଭଳି ରାଜ୍ୟର ଅନେକ ଆଇପିଏସ୍ ଅଫିସର ସେମାନଙ୍କର ବାର୍ଷିକ ସମ୍ପତ୍ତି ତାଲିକା ସର୍ବସାଧାରଣରେ ବା ପବ୍ଲିକ୍ ଡୋମେନରେ ଦେଉନାହାନ୍ତି। ସର୍ବଭାରତୀୟ ସେବା ନିୟମାବଳୀ ଅନୁଯାୟୀ, ବର୍ଷ ଶେଷରେ ତା’ ପର ବର୍ଷ ଜାନୁଆରୀ ୩୧ ତାରିଖ ସୁଦ୍ଧା ସମସ୍ତ ଆଇପିଏସ୍ ଅଧିକାରୀ ସେମାନଙ୍କର ଅଚଳ ସମ୍ପତ୍ତିର ତାଲିକା ଦାଖଲ କରିବାକୁ ବାଧ୍ୟ। ମାତ୍ର ଏବେ ବି ରାଜ୍ୟର ୧୨୬ ଆଇପିଏସ୍ ଅଫିସରଙ୍କ ମଧ୍ୟରୁ ୮ଜଣ ସେମାନଙ୍କର ଅଚଳ ସମ୍ପତ୍ତିର ତାଲିକା ଗୃହ ମନ୍ତ୍ରଣାଳୟର ଇଣ୍ଡିଆନ୍ ପୋଲିସ ସର୍ଭିସ୍ ୱେବସାଇଟରେ ଅପଲୋଡ୍ କରିନାହାନ୍ତି। ଅନ୍ୟ ଅର୍ଥରେ କହିଲେ ପ୍ରାୟ ୭ ପ୍ରତିଶତ ଅଫିସରଙ୍କର ନିୟମ ପ୍ରତି ଖାତିର ନାହିଁ। ଅନ୍ୟପଟରେ କେବଳ ଜଣେ ଆଇପିଏସ୍ ଅଧିକାରୀ ଅନୁପମା ଜେମସ୍ ରାଜ୍ୟ ସରକାରଙ୍କ ଏଚ୍‌ଆରଏମସ୍ ପୋର୍ଟାଲରେ ଉଭୟ ଅଚଳ ଓ ସଚଳ ସମ୍ପତ୍ତିର ତାଲିକା ଦେଇଛନ୍ତି ।ଏନେଇ ପୂର୍ବତନ ଡିଜିପି ବିପିନ ବିହାରୀ ମିଶ୍ର କହିଛନ୍ତି, ସମ୍ଭବତଃ ଅନ୍?ଲାଇନ୍?ରେ ସମ୍ପତ୍ତି ତାଲିକା ଲୋଡ୍ କରିବା ପରେ ବି ଅଫିସ୍?ସ୍ତରରେ ତାହା ସର୍ବସାଧାରଣଙ୍କୁ ଆସିପାରି ନ ଥିବ। ତଥାପି ଯେଉଁମାନେ ସମ୍ପତ୍ତି ତାଲିକା ଦେଉନାହାନ୍ତି, ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯିବା ଉଚିତ୍ ।ପୂର୍ବତନ ଡିଜିପି ସଂଜୀବ ମାରିକ କହିଛନ୍ତି, ପୂର୍ବରୁ ଅଧା ଆଇପିଏସ୍ ଅଫିସରମାନେ ସମ୍ପତ୍ତି ତାଲିକା ଦେଉ ନ ଥିଲେ। ଏବେ ପଦୋନ୍ନତିରେ ସମସ୍ୟା ସୃଷ୍ଟି ହେଉଥିବାରୁ ଅଧିକାଂଶ ଆଇପିଏସ୍ ଅଫିସ୍?ର ସମ୍ପତ୍ତି ତାଲିକା ଦେଉଛନ୍ତି। ଯେଉଁମାନେ ଦେଉନାହାନ୍ତି, ସରକାର ଚାହିଁଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇପାରିବେ ।ସର୍ବଭାରତୀୟ ସେବା ନିୟମାବଳୀ ଅନୁସାରେ ଆଇପିଏସ୍ ଅଫିସରମାନେ ସେମାନଙ୍କର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ ନକଲେ ପଦୋନ୍ନତି ବେଳେ ସେମାନଙ୍କୁ ଭିଜିଲାନସ କ୍ଲିଅରାନ୍ସ ମିଳିବ ନାହିଁ। ଲୋକାୟୁକ୍ତ ଆଇନ ଆଧାରରେ ରାଜ୍ୟର ତଳ ପାହ୍ୟାରେ ଥିବା ଅନ୍ୟ କର୍ମଚାରୀମାନେ ଏବେ ପବ୍ଲିକ୍ ଡୋମେନରେ ଉଭୟ ଅଚଳ ଓ ସଚଳ ସମ୍ପତ୍ତିର ତାଲିକା ଦେଉଥିବା ବେଳେ ଉପର ପାହ୍ୟାରେ ଥାଇ ନିୟମ ମାନୁନଥିବା ଅଧିକାରୀଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ, ସେ ନେଇ ପ୍ରଶ୍ନ ଉଠୁଛି।

## ଧାମନଗର ବିଧାନସଭା ଉପନିର୍ବାଚନ ପାଇଁ ଆଜି ପ୍ରକାଶ ପାଇବ ବିଜ୍ଞପ୍ତି

ଭୁବନେଶ୍ୱର, ୬।୧୦(ପି.ଏନ): ଧାମନଗର ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ଆସନ୍ତାକାଲି (ଶୁକ୍ରବାର) ଗେଜେଟ୍ ନୋଟିଫିକେସନ୍ ପ୍ରକାଶ ପାଇବ। ଏଥିସହ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ନଭେମ୍ବର ୩ ତାରିଖରେ ଏହି ଆସନ ପାଇଁ ଭୋଟ୍ ଗ୍ରହଣ ହେବ। ସୂଚନା ଅନୁଯାୟୀ ସ୍ୱର୍ଗତ ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କ ଅକାଳ ବିୟୋଗ ପରେ ୪୬-ଧାମନଗର ବିଧାନସଭା ଆସନ ଖାଲି ପଡିଛି। ଏହି ଆସନରେ ଉପନିର୍ବାଚନ ପାଇଁ ଗତ ୩ ତାରିଖରେ ଭାରତ ନିର୍ବାଚନ ଆୟୋଗ ବିଜ୍ଞପ୍ତି ପ୍ରକାଶ କରିଥିଲେ। ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ଅନୁସାରେ ଅକ୍ଟୋବର ୭ ତାରିଖ (ଶୁକ୍ରବାର) ଗେଜେଟ୍ ନୋଟିଫିକେସନ୍, ଅକ୍ଟୋବର ୧୪ରେ ନାମାଙ୍କନ ପତ୍ର ଦାଖଲ ଶେଷ ତାରିଖ, ଅକ୍ଟୋବର ୧୫ ତାରିଖ (ଶନିବାର) ନାମାଙ୍କନ ପତ୍ର ଯାଂଚ, ୨୦୨୨ ଅକ୍ଟୋବର ୧୭ ତାରିଖ (ସୋମବାର) ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ତାରିଖ ରହିଛି। ନଭେମ୍ବର ୩ ତାରିଖ (ଗୁରୁବାର) ଭୋଟ ଗ୍ରହଣ କରାଯିବ। ସେହିପରି ନଭେମ୍ବର ୬ ତାରିଖରେ ଭୋଟଗଣତି ଓ ୨୦୨୨ ନଭେମ୍ବର ୮ ତାରିଖ (ମଙ୍ଗଳବାର) ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି । ନିର୍ବାଚନ ତାରିଖ ଘୋଷଣା ଦିନଠାରୁ ସମଗ୍ର ଜିଲ୍ଲାରେ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି।

## ପଦ୍ମପୁର ବିଧାନସଭା ଆସନ ଖାଲି

ଭୁବନେଶ୍ୱର, ୬।୧୦(ପି.ଏନ): ବରଗଡ ଜିଲ୍ଲାର ପଦ୍ମପୁର ବିଧାନସଭା ଆସନ ଖାଲି ପଡିବା ନେଇ ଭାରତୀୟ ନିର୍ବାଚନ ଆୟୋଗଙ୍କୁ ଜଣାଇଛନ୍ତି ବାଚସ୍ପତି। ବିଧାୟକ ବିଜୟ ରଂଜନ ସିଂ ବରିହାଙ୍କ ମୃତ୍ୟୁ ପରେ ଏହି ଆସନ ଖାଲି ପଡ଼ିଛି। ତାଙ୍କ ବିୟୋଗରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଏହି ମର୍ମରେ ତାଙ୍କ ବିୟୋଗରେ ଓଡ଼ିଶା ବିଧାନସଭାରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେବା ସଂକ୍ରାନ୍ତରେ ବିଧାନସଭାର ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ ତଥା ସଚିବ ଦାଶରଥି ଶତପଥୀ ଏକ ବିଜ୍ଞପ୍ତି ଜାରି କରିଛନ୍ତି । ଏହା ଓଡ଼ିଶା ଗେଜେଟ୍ ର ପ୍ରକାଶିତ ହୋଇଛି । ବିଧାନସଭା ପକ୍ଷରୁ ଜାରି ବିଜ୍ଞପ୍ତିର ନକଲ ମୁଖ୍ୟ ନିର୍ବାଚନ ଆୟୁକ୍ତ, ନୂଆଦିଲ୍ଲୀ, ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା, ସମସ୍ତ ବିଧାୟକ/ ସାଂସଦ, ଲୋକସଭା ଏବଂ ରାଜ୍ୟସଭାର ମହାସଚିବ, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ ଏବଂ ଏଥି ସଂପୃକ୍ତ ସମସ୍ତଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇଛି।

## ସକ୍ରିୟ ଘୁର୍ଣ୍ଣିବଳୟର ପ୍ରଭାବ : ଦକ୍ଷିଣ ଉପକୂଳ ସମେତ ପାର୍ଶ୍ୱବର୍ତୀ ଜିଲ୍ଲା ଗୁଡିକରେ ବର୍ଷା ଜାରି

ଭୁବନେଶ୍ୱର, ୬।୧୦(ପି.ଏନ): ସକ୍ରିୟ ଘୁର୍ଣ୍ଣିବଳୟ ପ୍ରଭାବରେ ଦ୍ୱୈତ-ସହର କଟକ ଏବଂ ଭୁବନେଶ୍ୱରରେ ମେଘୁଆ ପାଗ ସହ ଲାଗିରହିଛି ତୁହାକୁ ତୁହା ବର୍ଷା । ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ମଝିରେ ମଝିରେ ଘଂଟା ପ୍ରତି ବର୍ଷାର ତୀବ୍ରତା ୨ ରୁ ୩ ସେ.ମି. ଯାଏଁ ରହୁଛି। ଦକ୍ଷିଣ ଉପକୂଳ ସମେତ ପାର୍ଶ୍ୱବର୍ତୀ ଜିଲ୍ଲା ଗୁଡିକରେ ବର୍ଷା ଜାରି ରହିଛି । ଦକ୍ଷିଣ ଉପକୂଳ ସମେତ, କୋରାପୁଟ, ରାୟଗଡା, ଜଗତସିଂହପୁର, କେନ୍ଦ୍ରାପଡା, କଟକ, କନ୍ଧମାଳ ଜିଲ୍ଲାରେ ବର୍ଷା ଲାଗିରହିଛି । ଉପକୂଳରେ ମେଘୁଆ ପାଗ ସହ କିଛି ଅଂଚଳରେ ହାଲୁକା ବର୍ଷା ଲାଗିରହିଛି ।

## ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି ଆରମ୍ଭ : ମହାପ୍ରଭୁଙ୍କ ରାଧାଦାମୋଦର ବେଶ

ପୁରୀ, ୬।୧୦(ପି.ଏନ): ଶ୍ରୀମନ୍ଦିରରେ ଆଜି ଠାରୁ କାର୍ତିକ ନୀତି ଆରମ୍ଭ ହୋଇଛି । ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଠାକୁରଙ୍କ ରାଧାଦାମୋଦର ବେଶ ଅନୁଷ୍ଠିତ ହେବ। କାର୍ତିକ ମାସରେ ବିଷ୍ଣୁଙ୍କର ନାମ ଦାମୋଦର ହୋଇଥିବାରୁ ବେଶର ଏପରି ନାମକରଣ କରାଯାଇଛି । କାର୍ତିକ ମାସରେ ରାତ୍ର ଦୁଇଘଡି ଥାଇ ଆଳତି ଅବକାଶ ସରି ତାପରେ ରାଧାଦାମୋଦର ବେଶ ହୋଇ ଠାକୁର ବାଳଧୂପ ପର୍ଯ୍ୟନ୍ତ ରୁହନ୍ତି । ଏହି ଦାମୋଦର ବେଶ ବା ରାଧାଦାମୋଦର ପୂଜାର ମୂଳରେ ହେଉଛନ୍ତି ଗୋପୀମାନେ କାର୍ତିକ ବ୍ରତ ଆଚରଣ କରି ଯମୁନା କୂଳରେ ରାଧାଦାମୋଦରଙ୍କୁ ପୂଜା କରୁଥିଲେ । ଏହି ବେଶରେ ଲାଗିହୋଇଥିବା ସୁବର୍ଣ୍ଣ ଅଳଙ୍କାରମାନ ହେଲା - ସୁବର୍ଣ୍ଣ ଘାଗଡା- ତିନି, କଟି ଓଡିଆଣି-ତିନି, ଚନ୍ଦ୍ରସୂର୍ଯ୍ୟ ମସ୍ତକରେ ତିନି, ଚନ୍ଦ୍ରିକା ତ୍ରିମୁଣ୍ଡି ଚୂଳର ଅଗ୍ରଭାଗରେ- ଦୁଇ, ତିଳକ ଦୁଇ, ନଳୀଭୂଜ ହସ୍ତରେ- ଚାରି, କୁଣ୍ଡଳ-ଚାରି, ତଡଗି-ଦୁଇ । ଏହି ବେଶରେ ଫୁଲ ନିର୍ମିତ ଗୁଣା, ଚିତା ଓ ଅଧରମାଳା ଲାଗି ହୋଇଛି । ଫୁଲଠାରୁ ଅଧିକା ସୁବର୍ଣ୍ଣ ଅଳଙ୍କାର ଲାଗି ହୋଇଛି । ହସ୍ତରେ ନଳୀଭୂଜ ଶୋଭାପାଉଛି । ମହାପ୍ରଭୁଙ୍କର ଚୂଳରେ ବାଉଁଶ ପାଟିଆ ଓ କନାରେ ନିର୍ମିତ ଚୂଳ ତ୍ରିମୁଣ୍ଡି ଉପରେ ରହିଛି । ଚୂଳର ଅଗ୍ରଭାଗରେ ଚନ୍ଦ୍ରିକା ଶୋଭାପାଉଛି । କର୍ଣ୍ଣଦେଶରେ କୁଣ୍ଡଳ, କଟିଦେଶରେ ଓଡିଆଣୀ, ମସ୍ତକରେ ତଡଗି ସହିତ ବିଭିନ୍ନ ପ୍ରକାର ପୁଷ୍ପ ଅଳଙ୍କାର, ସୁନା ଅଳଙ୍କାର ସହ ପାଟଶାଢୀ, ଫୁଟା ଶିରିକପଡ଼ା, ପହରଣ, ବଳା, ଅଧରବଳା, ଓ ଉତରୀୟ ଲାଗି ହୋଇଛି । ଏହି ସମୟରେ ଏକ ଅଧିକ ଭୋଗ ବାଳଭୋଗ ହୁଏ ! ବାଳଭୋଗରେ କୋରା, ଦୋଉଜା, ଲିଆ, ଅଦା, ଖଇ, ନଡ଼ିଆ, ଖୁଦି, ଚାଉଳିଆ, ସେଓ, କମଳା, କଦଳୀ, କାକୁଡ଼ି, ପଇଡ଼ ଆଦି ଭୋଗ ହୋଇଛି । ଶ୍ରୀଜୀଉଙ୍କ ରାଧାଦାମୋଦର ବେଶ ଦର୍ଶନ କଲେ ମହାପୂର୍ଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । କାର୍ତିକ ପଚୁଂକ ସମୟରେ ରାଧାଦାମୋଦର ବେଶ ନ ହୋଇ ଅନ୍ୟ ପାଂଚଗୋଟି ବେଶ ହୁଏ । ଯଥା - ଲକ୍ଷ୍ମୀ ନାରାୟଣ ବେଶ, ବାଙ୍କଚୂଳ ବେଶ, ତ୍ରିବିକ୍ରମ ବେଶ, ଲକ୍ଷ୍ମୀନୃସିଂହ ବେଶ ଓ ରାଜରାଜେଶ୍ୱର ବେଶ । ସୌଭାଗ୍ୟବଶତଃ ଏହି ବର୍ଷ ପଚୁଂକ ୫ ଦିନ ନହୋଇ ୬ ଦିନ ପଡୁଥିବା ଜଣାପଡିଛି । ଜଗନ୍ନାଥ ମହାପ୍ରଭୁଙ୍କ ମୁଖ କଳା ହେତୁ ସେ କୃଷ୍ଣ ଓ ତଳଭାଗଟି ଧଳା ହେତୁ ତାହା ରାଧା ଭାବରେ ଚିହ୍ନିତ ହୁଅନ୍ତି । ଏଣୁ ମହାପ୍ରଭୁଙ୍କର ରାଧାଦାମୋଦର ବେଶ ଅନୁଷ୍ଠିତ ହେଉଛି । ରାଧାଦାମୋଦର ବେଶ କେବେଠାରୁ ଅନୁଷ୍ଠିତ ହେଲା ତାହା କହିବା କଷ୍ଟକର । ନିମ୍ବାର୍କାଚାର୍ଯ୍ୟ ରାଧାକୃଷ୍ଣ ଯୁଗଳ ମୂର୍ତିର ଉପାସକ ଥିଲେ । ବିଷ୍ଣୁ ସହସ୍ରନାମ ଅନୁସାରେ କୃଷ୍ଣଙ୍କୁ ଦଉଡିରେ ଯଶୋଦା ବାନ୍ଧି ଦେଇଥିଲେ ବୋଲି ତାଙ୍କର ନାମ ଦାମୋଦର । ରାଧାଦାମୋଦର ବେଶ ରାଧାକୃଷ୍ଣଙ୍କ ଅପୂର୍ବ ଲୀଳାର ପରିଚୟ ଦେଇଥାଏ । ଏହି ବେଶ ବୋଧହୁଏ ନିମ୍ବାର୍କାଚାର୍ଯ୍ୟଙ୍କ ଠାରୁ ଆରମ୍ଭ ହୋଇଥାଇପାରେ । ଏପରିକି ନିମ୍ବାର୍କାଚାର୍ଯ୍ୟ ମଠରେ ରହୁଥିବା ଜୟଦେବ ମଧ୍ୟ ରାଇଦାମୋଦର ଯୁଗଳ ମୂର୍ତିର ଉପାସକ ଥିଲେ ।ଆଜି ଠାରୁ ଶ୍ରୀମନ୍ଦିରରେ କାର୍ତିକ ନୀତି ଆରମ୍ଭ ହୋଇଥିବା ବେଳେ ହବିଷ୍ୟାଳୀ ମାନେ କୁମାର ପୂର୍ଣ୍ଣମୀ ଦିନ ରାଜ୍ୟ ସରକାରଙ୍କ ପକ୍ଷରୁ ହବିଷ୍ୟାଳୀ ରହଣି କେନ୍ଦ୍ରରେ ରହିବା ସହ ପୂଜାର୍ଚ୍ଚନା କରିବେ । ପ୍ରାୟ ୩ ହଜାର ହବିଷ୍ୟାଳୀ ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ଅକ୍ଷୟପାତ୍ର ଫାଉଣ୍ଡେସନ ଗୃହ ଓ ମୋଚିସାହି କଲ୍ୟାଣ ମଣ୍ଡପରେ ରହିବା ନିମନ୍ତେ ବ୍ୟବସ୍ଥା ହୋଇଛି ।

## ଦୁର୍ଗା ମୂର୍ତ୍ତି ବିସର୍ଜନ ବେଳେ ଭାସିଗଲେ ୨



ଭଦ୍ରକ,୬।୧୦(ପି.ଏନ): ଭସାଣିରେ ଅଘଟଣ। ଦୁର୍ଗା ମୂର୍ତ୍ତି ବିସର୍ଜନ ବେଳେ ସାଳନ୍ଦୀ ନଦୀରେ ଭାସିଗଲେ ୨। ତେବେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟଜଣେ ନିଖୋଜ ହୋଇଯାଇଛନ୍ତି। ଆଜି ସନ୍ଧ୍ୟାବେଳେ ଘଟିଥିବା ଏହି ଘଟଣାକୁ ନେଇ ଭଦ୍ରକରେ ଚାଞ୍ଚଲ୍ୟ ଖେଳି ଯାଇଛି। ନିଖୋଜ ବ୍ୟକ୍ତି ଜଣକ ଭଦ୍ରକ ଜାନୁଗଞ୍ଜ ଗାଁର ।ସୂଚନା ମୁତାବକ, ଆଜି ଅପରାହ୍ନରେ ଭଦ୍ରକ ସହର ଜାନୁଗଞ୍ଜ ଦୁର୍ଗା ମଣ୍ଡପର ଦୁର୍ଗା ମୂର୍ତ୍ତି ଭସାଣି ହେଉଥିଲା। ଶତାଧିକ ମଣ୍ଡପ କାର୍ଯ୍ୟକର୍ତ୍ତା ନାଚଗୀତ ଭିତରେ ଭସାଣିରେ ସାମିଲ ହୋଇଥିଲେ। ହେଲେ ସନ୍ଧ୍ୟାରେ ସାଳନ୍ଦୀ ନଦୀର ବାଉଦପୁର ଘାଟରେ ମୂର୍ତ୍ତି ବିସର୍ଜନ ବେଳେ ଦୁଇଜଣ ଭାସି ଯାଇଥିଲେ। ନଦୀରେ ବ? ପାଣି ଥିବାରୁ ସୁଅ ରହିଥିଲା। ମୂର୍ତ୍ତି ତଳେ ଚାପି ହୋଇ ସେମାନେ ଭାସି ଯାଇଥିଲେ। ବାଉଦପୁର ଘାଟ ଠାରୁ ପ୍ରାୟ ୧ କିଲୋମିଟର ଦୂରରୁ ଜଣଙ୍କୁ ସ୍ଥାନୀୟ ଲୋକେ ଖୋଜାଖୋଜି କରି ଉଦ୍ଧାର କରିଥିଲେ। ଉକ୍ତ ଯୁବକ ଜଣକ ଜାନୁଗଞ୍ଜର ବିଦ୍ୟାସାରଥୀ ନାୟକ। ତାଙ୍କ ଉଦ୍ଧାର କରି ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ହେଲେ ଅନ୍ୟଜଣଙ୍କ ଖୋଜଖବର ମିଳି ନ ଥିଲା। ଏନେଇ ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ହେଲେ ଅଗ୍ନିଶମ ବାହିନୀ ପହଞ୍ଚିବାରେ ବିଳମ୍ବ ହୋଇଥିବା ବେଳେ ଅନ୍ଧାରରେ ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ନେବାରେ ସମସ୍ୟା ଉପୁଜିଛି।

## ପୋଖରୀରୁ ନାବାଳକଙ୍କ ମୃତଦେହ ଉଦ୍ଧାର

ଜୟପୁର, ୬।୧୦(ପି.ଏନ): ଗାଁ ପୋଖରୀରୁ ନାବାଳକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ନାବାଳକ ଜଣକ ହେଲେ କୋରାପୁଟ ଜିଲ୍ଲା ବିସିଂହପୁର ଥାନା ଅନ୍ତର୍ଗତ କୁମ୍ଭାରଗୁଡା ଗାଁର ଅମୀର ପାଇକ । ଗତକାଲି ଦଶହରା ଥିବାରୁ ଘରୁ ଖାଇ ସାରି ରାତି ୧୦ଟାରୁ ବାହାରକୁ ଯାଇଥିଲେ ।ଆଜି ସକାଳ ୬ଟାରେ ତାଙ୍କ ମୃତଦେହ ଗାଁ ପୋଖରୀ ନିକଟରେ ପଡିଥିବା ପରିବାର ଲୋକେ ଦେଖିଥିଲେ। ମୃତ ନାବାଳକଙ୍କ ମୁହଁରୁ ରକ୍ତ ସ୍ରାବ ସାଙ୍ଗକୁ ଶରୀରରେ ଅନେକ କ୍ଷତ ଚିହ୍ନ ରହିଛି।

## ମେଲାଣି ନେଲେ ମା ଦୁର୍ଗା

କଟକ/ଭୁବନେଶ୍ୱର, ୬।୧୦(ପି.ଏନ): ଧରାପୃଷ୍ଠରୁ ମେଲାଣି ନେଇଛନ୍ତି ମା ଦୁର୍ଗା। ପାରମ୍ପରିକ ବାଜା, ନୃତ୍ୟ , ଘଂଟଘଂଟାରେ ମାଙ୍କୁ ବିଦାୟ ଦିଆଯାଇଛି। ଟ୍ୱିନ ସିଟିରେ ପ୍ରବଳ ବର୍ଷା ସତ୍ୱେ ମାଙ୍କ ଭସାଣୀ ଉତ୍ସବରେ ଜନ ସମାଗମ ଦେଖିବାକୁ ମିଳିଛି। ବିଭିନ୍ନ ମଣ୍ଡପରୁ ମାଙ୍କ ମୃଣ୍ମୟୀ ମୂର୍ତି ଭସାଣି ପଡିଆରେ ପହଂଚିବା ପରେ ଭବ୍ୟ ଭସାଣି ଯାତ୍ରା ଆରମ୍ଭ ହୋଇଥିଲା। ଏହାପରେ ପର୍ଯ୍ୟାୟକ୍ରମେ ଗୋଟିଏ ଗୋଟିଏ କରି ମେଢ ଗୁଡିକୁ ଶୋଭାଯାତ୍ରାରେ ବିସର୍ଜନ ସ୍ଥାନକୁ ନିଆଯାଇଥିଲା। ଶୋଭାଯାତ୍ରା ବେଳେ ରାସ୍ତାଘାଟ ପାରମ୍ପରିକ ବାଦ୍ୟ ସାଙ୍ଗକୁ ଆଧୁନିକ ଡିଜେ ଗୀତରେ ପ୍ରକମ୍ପିତ ହେଉଥିଲା। ତେବେ ଡିଜେ ସାଉଣ୍ଡ ୬୫ ଡିସିବେଲରୁ ଯେପରି ଅଧିକ ନହୁଏ ସେଥିପାଇଁ କଡା ତାଗିଦ୍ ଥିଲା। ଅନ୍ୟପକ୍ଷରେ ଭସାଣୀ ଶୋଭାଯାତ୍ରା ପାଇଁ କମିଶନରେଟ୍ ପୋଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମୂର୍ତି ବିସର୍ଜନ ପାଇଁ କଟକର ଦେବୀଗଡା , ଭୁବନେଶ୍ୱର ଉପକଣ୍ଠ ପାଣ୍ଡରା ଆଦି ସ୍ଥାନରେ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ଜଳାଶୟର ବ୍ୟବସ୍ଥା କରାଯାଇଥିଲା। ଭୁବନେଶ୍ୱରରେ ପ୍ରାୟ ୧୮୦ରୁ ଉର୍ଦ୍ଧ୍ୱ ଏବଂ କଟକରେ ୧୫୦ରୁ ଅଧିକ ମଣ୍ଡପରେ ଦୁର୍ଗା ପୂଜା ଅନୁଷ୍ଠିତ ହୋଇଥିଲା।

## ଓଡ଼ିଆ ପିଲାଙ୍କ ଆତ୍ମବିଶ୍ୱାସ ବଢ଼ାଇ ଆନ୍ତର୍ଜାତିକ ସ୍ତରରେ ଉଦ୍ୟମୀ କରିବା ଆମର ଲକ୍ଷ୍ୟ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୬।୧୦(ପି.ଏନ): ପ୍ରଶିକ୍ଷଣ ମାଧ୍ୟମରେ ଓଡ଼ିଆ ପିଲାଙ୍କ ଆତ୍ମବିଶ୍ୱାସ ବଢ଼ାଇ ସେମାନଙ୍କୁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଉଦ୍ୟମୀ କରିବା ପାଇଁ ଭୁବନେଶ୍ୱରର ଜାତୀୟ ଦକ୍ଷତା ବିକାଶ ପ୍ରତିଷ୍ଠାନ(ଏସଡିଆଇ)କୁ ଅଧିକ ଭବ୍ୟ କରିବା କାମରେ ଆମର ଉଦ୍ୟମ ଜାରୀ ରହିଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଭୁବନେଶ୍ୱର ସ୍ଥିତ ଏହି ଦକ୍ଷତା ବିକାଶ କେନ୍ଦ୍ର ପରିସରରେ ୫୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ଭବ୍ୟ ଅଡିଟୋରିୟମର ଲୋକାର୍ପଣ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି ସରକାରୀ ସ୍ତରରେ ଆଜି ଉଦଘାଟିତ ହୋଇଥିବା ଅନୁଷ୍ଠାନ ଓଡିଶାର ସର୍ବବୃହତ ଅଡିଟୋରିୟମ୍ । ଏହି ଅଡିଟୋରିୟମର ନାମକରଣ ‘ବକ୍ସି ଜଗବନ୍ଧୁ ଦକ୍ଷତା ବିକାଶ ସଭାଗାର’ରେ ନାମିତ କରିବା ପାଇଁ ଏସଡ଼ିଆଇ କର୍ତ୍ତୃପକ୍ଷଙ୍କୁ ଶ୍ରୀ ପ୍ରଧାନ ପ୍ରସ୍ତାବ ଦେଇଛନ୍ତି । ସେ କହିଛନ୍ତି ଏହି ପ୍ରଶିକ୍ଷଣ କେନ୍ଦ୍ର ବକ୍ସିଙ୍କ ନାମରେ ନାମିତ




ହେଲେ ଏଠାରେ ପ୍ରଶିକ୍ଷଣ ନେଉଥିବା ଓଡ଼ିଆ ପିଲାମାନେ ବୀର ଓଡ଼ିଆ ଜାତିର ସଂସ୍କାରରେ ନିଜେ ଆଗକୁ ବଢିବା ପାଇଁ ପ୍ରେରିତ ହେବେ ।କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଯୁବପିଢିଙ୍କୁ ରୋଜଗାରକ୍ଷମ କରାଇବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଜନାକୁ ରାଜ୍ୟରେ କ୍ରିୟାନ୍ୱୟନ କରାଯାଉଛି । “ମୁଁ କେଉଁ ଗୁଣରେ ଆଇଆଇଟି, ଆଇଆଇଏମ ପିଲାଙ୍କ ଠାରୁ କମ୍ ନୁହେଁ” । ଓଡ଼ିଆ ପିଲାଙ୍କ ମଧ୍ୟରେ ଏହି ଆତ୍ମବିଶ୍ୱାସ ସହ ସାହସକୁ ଉଜ୍ଜିବୀତ କରିବା ପାଇଁ ଭୁବନେଶ୍ୱରରେ ଦକ୍ଷତା ବିକାଶ କେନ୍ଦ୍ରର କଳ୍ପନା କରାଯାଇଛି । ଏହା ଦ୍ୱାରା ଏବେ ଅନେକ ଓଡ଼ିଆ ପିଲା ମାଗଣାରେ ଶିକ୍ଷା ଓ ପ୍ରଶିକ୍ଷଣ ସହ ଉପଯୁକ୍ତ ସୁବିଧା ପାଇପାରୁଛନ୍ତି । ଶ୍ରେଣୀଗୃହ ସହ ଛାତ୍ରବାସ, ଖେଳ ପଡ଼ିଆ, ଲ୍ୟାବ, ଥିଏଟର ଭଳି ଅତ୍ୟାଧୁନିକ ସୁବିଧା କରାଯାଇଛି । ଏହାସହ ଅଡିଟୋରିୟମରେ ଏକକାଳୀନ ୧୨୦୦ ଲୋକମାନେ ବସିବାର ବ୍ୟବସ୍ଥା କରାଯାଇଛି । ଯେଉଁ କାମରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସହଯୋଗୀ ହୋଇଛି ।ସୁଯୋଗ ମିଳିଲେ ଓଡ଼ିଆ ପିଲାମାନେ ଚନ୍ଦ୍ରପୃଷ୍ଠରେ ପହଞ୍ଚିବାକୁ ସମର୍ଥ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ଆଗାମୀ ଦିନରେ ଏହି କ୍ୟାମ୍ପସକୁ ବିଶ୍ୱର ଅଗ୍ରଣୀ ଅନୁଷ୍ଠାନ କରିବା ପାଇଁ ଅଧିକ ଉଦ୍ୟମ କରାଯିବ । ରାଜ୍ୟ ଓ ରାଜ୍ୟ ବାହାରେ ଥିବା ଶିକ୍ଷାନୁଷ୍ଠାନ, ବିଦେଶରେ ଥିବା ସର୍ଭିସ ଇଣ୍ଡଷ୍ଟ୍ରି ଆଧାରିତ ଦକ୍ଷତା ଆଧାରିତ ପ୍ରଶିକ୍ଷଣ ପିଲାଙ୍କୁ ଦିଆଯିବ ।ଦେଶରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ୫ଜି ଟେକ୍ନୋଲୋଜି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତି ଗାଁକୁ ହାଇସ୍ପିଡ ଇଣ୍ଟରନେଟ୍ ସହ ଯୋଡ଼ିବାର କଳ୍ପନା ବିଶ୍ୱରେ ନୂଆ କ୍ରାନ୍ତି ଆଣିବ । ଏହାକୁ ଦୃଷ୍ଟିରେ ରଖି ଓଡ଼ିଆ ପିଲାମାନେ ଦାଦନ ଖଟିବା ପାଇଁ ନୁହେଁ ବରଂ ବାହାରକୁ ଯାଇ ମାଲିକ ହେବାର ସ୍ୱପ୍ନ ଦେଖିବା ଉଚିତ୍ । ସେହିପରି ଆଗାମୀ ଦିନରେ ଡିଜିଟାଲ ବିଶ୍ୱବିଦ୍ୟାଳୟ ହେବ, ଯାହା ଦ୍ୱାରା ଯୁବପିଢିମାନେ ଉପକୃତ ହୋଇପାରିବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।








# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?

ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା

ଶିକ୍ଷକ-କେଉଁଠି ପଡିଗଲ ଆଉ କ’ଣ ଲାଗିଗଲା ?

ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା’ ମା କଥା ମନେ ପଡିଲା । ମା’ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ‘ମେରାଲଜିଆ ପାରେସ୍ଥଟିକା’ ବା ‘ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ’। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହଁ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେ୍ବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଅକ୍ଟୋବର ୦୭

# ଆମେ ଭାରତୀୟ ବର୍ତ୍ତମାନ ଉଦ୍‌ଭ୍ରାନ୍ତ ଓ ଦ୍ୱନ୍ଦ୍ୱର ଶୀର୍ଷରେ



ମନୋଜ ଦାସ ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ ଓ କାଳଜୟୀ କଥାଶିଳ୍ପୀ ଯାହାଙ୍କର ଅନେକ ଲେଖା ହୃଦୟରେ ସ୍ପନ୍ଦନ ସୃଷ୍ଟି କରିଥାଏ । ଏ ଲେଖକ ତାଙ୍କର ଏକ ରଚନା ପାଠ କରିଥିଲା, ଯାହା ସାମ୍ପ୍ରତିକ ସମୟର ଜୀବନଶୈଳୀ ଉପରେ ପର୍ଯ୍ୟବେସିତ ଥିଲା। ଯେଉଁ ପୂଣ୍ୟଭୂମି, ଦେବଭୂମି ଭାରତରେ ସର୍ବଜ୍ଞ ଈଶ୍ୱର ତାଙ୍କର ଆଶିଷ ବିତରଣ କରିଛନ୍ତି, ଆଜି ସେହି ପବିତ୍ର ଭାରତଭୂମିର ଭାରତୀୟମାନେ ଉଦ୍‌ଭ୍ରାନ୍ତ ଅବସ୍ଥାରେ ରହିଛନ୍ତି। ମନେପଡେ ସେ ଦିନର ସେହି ପ୍ରଥିତଯଶା ଲେଖକଙ୍କର ଲେଖାଟିଏ।

ଦିନେ ଗୋଟାଏ ବିଚକ୍ଷଣ ଚୋର ସହ ଏକ ଉଦୀୟମାନ ଚୋରର ବନ୍ଧୁତା ହେଲା। ଉଦୀୟମାନ ଚୋରଟି ପଚାରିଥିଲା "ତୁମେ କେଭେ ଧରାପଡିନାହଁ" ? ନା! ଉତର ଦେଇଥିଲା ବିଚକ୍ଷଣ-ବୁଦ୍ଧି ଥିଲେ ଧରାପଡିବାର କାରଣ ନାହିଁ। ବୁଦ୍ଧି ଶିଖିବା ଅଭିପ୍ସା ନେଇ ରାତିରେ ଉଦୀୟମାନ ଚୋରଟି ବିଚକ୍ଷଣ ଚୋରକୁ ଅନୁସରଣ କଲା। ଦୁହେଁ ଗୋଟିଏ ସାମରିକ ଅଧିକାରୀମାନଙ୍କ ମେସ୍‌ରେ ପଶିଗଲେ। ସେଦିନ ଭାଗ୍ୟବଶତଃ ବହୁତ ସୁଖାଦ୍ୟ ବଳିଥିଲା; ଦୁହେଁ ପେଟଭରି ଖାଇବାକୁ ଲାଗିଲେ। ହଠାତ୍ ବିଚକ୍ଷଣ ଚୋର ହାତରୁ ଗୋଟିଏ ପ୍ଲେଟ୍ ଖସିପଡିଲା। ଶବ୍ଦ ଶୁଣି ପାଖ କୋଠରୀରୁ ଦୁଇଜଣ ଯବାନ ଅଧାନିଦ୍ରିତ ଅବସ୍ଥାରେ ଉଠିବସି ଧମକ ଦେବା କଣ୍ଠରେ ପଚାରିଲେ କିଏ ? ବିଚକ୍ଷଣ ଚୋରଟି ସଙ୍ଗେ ସଙ୍ଗେ 'ମିଆଁଓ' ବୋଲି ଶବ୍ଦ କଲା। ବିରାଡ଼ି ଭାବି ଯବାନ ଦୁହେଁ ଶୋଇପଡିଲେ। ଉଦୀୟମାନ ଚୋରଟି କୌଶଳ ଶିଖିଗଲା ମନେକରି ବଡ ଖୁସି ହେଲା। ବିଚକ୍ଷଣ ବାହାରିଯିବାପରେ ବି ଆହୁରି ଅଧିକ କିଛି ସୁଖାଦ୍ୟ ଆଶାରେ ସିଏ ରୋଷାଇଘର ଅଣ୍ଡାଳିବାକୁ ଯାଇ ଗୋଟିଏ ଟ୍ରେ ତଳେ ପକାଇ ଦେଇଥିଲା। ପୁଣି ଶୁଭିଲା କିଏ ? 'ଆଉ ଗୋଟିଏ ବିଲେଇ' ପରେ ପରେ ଉଦୀୟମାନ ଚୋରଟି ଯେଉଁ କରୁଣ ଅବସ୍ଥା ଭୋଗିଲା, ଭାରତବର୍ଷ ବ୍ୟାପୀ ଆଜି ତା'ର ସହସ୍ର ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି। ଆମେ ପାଶ୍ଚାତ୍ୟର ବହୁ ପରମ୍ପରା ତଥା ଅନୁଷ୍ଠାନକୁ ଅନୁକରଣ କରିବା ସହ ଉପରୋକ୍ତ ରୀତିରେ ପରିସ୍ଥିତି ଓ ପରିପ୍ରେକ୍ଷୀ ପାଶୋରି ଦେବାସହ ଯୁକ୍ତି ଦ୍ୱାରା ସବୁପ୍ରକାର କର୍ମର ଯଥାର୍ଥତା ପ୍ରତିପାଦିତ କରିପାରିଛୁ ବୋଲି ଭାବିଥାଉ-ମାତ୍ର ସଂସ୍କୃତି ଓ ଚେତନା ଯୁକ୍ତିଦ୍ୱାରା ନିର୍ମିତ ନୁହେଁ। ମଣିଷର ସୂକ୍ଷ୍ମ ବୋଧଶକ୍ତି ବା ରୁଚିଜ୍ଞାନକୁ ଯୁକ୍ତିତର୍କ ନୀରବ କରିଦେଇପାରେ, କିନ୍ତୁ ତା'ର ଅର୍ଥ ନୁହେଁ ଯେ ରୁଚିବୋଧ ତୁଳନାରେ ଯୁକ୍ତିବାଦ ମହତର।

ସାମ୍ପ୍ରତିକ ସମୟର ଗୋଟିଏ ଉଦାହରଣ। ଏକଦା ବାଙ୍ଗାଲୋରରେ ସମବେତ ତଥାକଥିତ ସୁନ୍ଦରୀମାନଙ୍କ ସହ ନୈଶ୍ୟଭୋଜନର ସୌଭାଗ୍ୟ ନିମନ୍ତେ ଧନୀମାନଙ୍କୁ ଥାଳି ପିଛା କୋଡିଏ ହଜାର ଟଙ୍କା ଦେବାକୁ ପଡିଥିଲା, (ଯାହା ସେତେବେଳେ ଖବରକାଗଜରେ ଚାଳିଶ ହଜାର ଟଙ୍କା ଲେଖାଯାଇଥିଲା)। ଜଣେ ଧନୀ ଯୁବକ ଦୂରଦର୍ଶନ ଯୋଗେ ସାରା ଦୁନିଆକୁ ଜଣାଇଲେ ଯେ ସେ ଖୁବ୍ ଭଲ କାମଟିଏ କରିଛନ୍ତି। କାରଣ ଲବ୍ଧ ଅର୍ଥ ଗୋଟିଏ ଦାତବ୍ୟ ପ୍ରତିଷ୍ଠାନକୁ ଯିବ।

ଦୁର୍ଭାଗ୍ୟର କଥା, ତାଙ୍କର ସେ ଯୁକ୍ତିଯୁକ୍ତ ଘୋଷଣା ଶୁଣି ଜଣେ ଶିକ୍ଷକ ବଡ ଅସ୍ୱସ୍ତି ଅନୁଭବ କଲେ। ତାଙ୍କର ସେ ଯୁକ୍ତିହୀନ ମାନସିକ ଅବସ୍ଥାକୁ ତର୍ଜମା କରାଯାଏ ତେବେ ମନରେ ପ୍ରଶ୍ନ ଉଠେ ଯଦି ଦାତବ୍ୟ ପ୍ରତିଷ୍ଠାନକୁ ଦେବାର ଥିଲା, ତେବେ ଧନୀକମାନେ ସିଧାସଳଖ ଦେବାରେ ବାଧା ଥିଲା କେଉଁଠି ? ଯେଉଁ କୋଡିଏ, ଚାଳିଶ ହଜାର ଲେଖାଏଁ ଟଙ୍କା ଦେଲେ, ସେଥିରୁ ହୋଟେଲ ତା'ର ପ୍ରାପ୍ୟ ନେବାପରେ ସତରେ କେତେ ମିଳିବ ? ଅର୍ଥାତ୍ ଦାତବ୍ୟ କେହି କେହି ଲୋକଙ୍କ ଭିତରେ ବମନ ଉଦ୍ରେକ କରାଇବ। ତାହା ଯେତେ ଅଯୌକ୍ତିକ ହେଉନା କାହିଁକି ? ଏହି ଅଯୌକ୍ତିକତା ଭିତରେ ରହିଛି ଆଶାର ଆଲୋକ। ସେ ଦିନ ଖଜୁରାହୋଠାରେ ସରକାର 'କାସିନୋ' ବନାଇବାକୁ ମନସ୍ଥ କରିଥିଲେ। 'କାସିନୋ' ହେଲା ଜୁଆ ଆଡ୍ଡାର ଭବ୍ୟ ନାମ। ବିଦେଶୀ ପର୍ଯ୍ୟଟକମାନେ ଖଜୁରାହୋ ଆସନ୍ତି ମନ୍ଦିର ଦର୍ଶନ ପାଇଁ ନୁହେଁ, ଉଲଗ୍ନ ମୂର୍ତ୍ତି ଦେଖିବାକୁ ସେମାନଙ୍କ ମନୋଭାବ କୁ ଜୁଆର ସୁଯୋଗ ବେଶ୍ ସୁହାଇବ, କିନ୍ତୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସକାଶେ ଏହା ହିଁ କ'ଣ ହେବ ଭାରତର କୌଶଳ ?

ବର୍ତ୍ତମାନ ଆମେ ଭାରତୀୟମାନେ ଉଦ୍‌ଭ୍ରାନ୍ତ ଅବସ୍ଥାରେ ରହିଛୁ। କେତେଦୂର ଯିବା, କେଉଁଠି ଆମର ସୀମା ଲଂଘନ ହେଲା, କେଉଁଠାରେ ବାକ୍ ସଂଯମ ଉଲଂଘନ ହେଲା ବୋଲି ବୁଝିବା ସେ ଚେତନା ହରାଇଛୁ। ଆଧୁନିକତା ଦୃଷ୍ଟିରୁ ଅନେକ ଏହାକୁ ଶ୍ଳୀଳ ମନେ କରନ୍ତି। ଏହାକୁ ଅଶ୍ଳୀଳ ବୋଲି ବିଚାର କରିବା ସମ୍ଭବ ନୁହେଁ। ଏହା କିନ୍ତୁ ସମ୍ପୂର୍ଣ୍ଣ ସମ୍ଭବ। ଭାରତର ଅଦୂରରେ ଅବସ୍ଥିତ ଏକ ଛୋଟଦ୍ୱୀପ ରାଜ୍ୟ-ସିଙ୍ଗାପୁର, ଭାରତଠୁ ଶିଳ୍ପ, ଶିକ୍ଷା, ବିଜ୍ଞାନ, ବାଣିଜ୍ୟ ସବୁଥିରେ ଦେଶଟି ବହୁତ ଅଧିକ ଉନ୍ନତି ଓ ଆଧୁନିକ। ତାହାପୁଣି ସବୁଠୁ ଦୁର୍ନୀତିମୁକ୍ତ ବୋଲି ଗୋଟିଏ ଆନ୍ତର୍ଜାତିକ ନିର୍ଭରଯୋଗ୍ୟ ସମୀକ୍ଷା ପ୍ରକାଶ କରିଛି। ଏହା କେବଳ ପୃଥିବୀର ସବୁଠାରୁ ସଫାସୁତୁରା ଦେଶ ନୁହେଁ, ଏହାର ରାସ୍ତା ଘାଟରେ ଖଣ୍ଡିଏ ବି ଅସଭ୍ୟ ପୋଷ୍ଟର ଦେଖିବାକୁ ମିଳିବ ନାହିଁ। ଅବଶ୍ୟ ସିଙ୍ଗାପୁର ଶାସନ ବଡ କଡା, କିନ୍ତୁ ଭାରତବର୍ଷ ଭଳି ଜ୍ଞାନ ସମୃଦ୍ଧ ଦେଶରେ ସେହି କଡାତ୍ୱର ବିକଳ୍ପ ସ୍ୱତଃସ୍ଫୂର୍ତ୍ତ ନୀତିଜ୍ଞାନ ଓ ରୁଚିଜ୍ଞାନ ହେବବୋଲି ଆଶା କରିବା ସ୍ୱାଭାବିକ ନୁହେଁ କି ? ମାତ୍ର ଏହା ଆଜିର ଭାରତର ଉଦ୍‌ଭ୍ରାନ୍ତ ନେତା ନେତୃତ୍ୱ ତଥା ତଥାକଥିତ ବୁଦ୍ଧିଜିବୀ ବୋଲାଉଥିବାଙ୍କ ପକ୍ଷରେ ଅସମ୍ଭବ। ଏହା ମୋର ବକ୍ତବ୍ୟ ନୁହେଁ- ଏହା ଥିଲା ଜଣେ ବିଦେଶୀ ବନ୍ଧୁ ଭାରତରେ ଗୋଟିଏ ଜନମଙ୍ଗଳ ମୂଳକ ପ୍ରତିଷ୍ଠାନ ସ୍ଥାପନ କରିବାକୁ ଯାଇ ହତାଶ ହୋଇଥିବା ଏହି ମହାନୁଭବ ପ୍ରଥିତ ଯଶା କଥାକାର ମନୋଜ ଦାସଙ୍କୁ ତାଙ୍କ କୋହଭରା ହୃଦୟରେ ଯାହା କହିଥିଲେ ତାହା ଥିଲା "ଭାରତ ଆପାଦ ମସ୍ତକ ଯେଉଁଭଳି ଦୁର୍ନୀତି ଦ୍ୱାରା ବିଷାକ୍ରାନ୍ତ, ସେଥିରେ ଭଲକାମଟିଏ କରିବାର ସ୍ୱପ୍ନ ଅବାସ୍ତବ। ନୀତିବାନ୍ ଦେଖାଇ ହୋଇ ଦୁର୍ନୀତି କରିବାରେ ଭାରତ ପାରଙ୍ଗମତା।

ଭାରତର ରାସ୍ତାଘାଟର ପ୍ରତି ମାଇଲ୍ ବା ଦୁଇ ମାଇଲ୍‌ରେ ଗୋଟିଏ ଲେଖାଏଁ ମନ୍ଦିର ବିଭିନ୍ନ ଦେବାଦେବୀଙ୍କ ପୂଜାର୍ଚ୍ଚନା ସୂଚକ ଗୀତବାଦ୍ୟରେ ବାତାବରଣ ସର୍ବଦା ବିସ୍ଫୋରିତ। ଏହା ସତ୍ତ୍ୱେ ଏ ସମାଜରେ ଏ ଘୃଣ୍ୟ ମାନସିକତା କାହିଁକି ? ଯାହା ପାଠକଙ୍କ ଉପରେ ଛାଡି ଦିଆଗଲା। ଏଠାରେ ନେତା ରାମରାଜ୍ୟର ପରିକଳ୍ପନା କରୁଥିବା ବେଳେ ମନୁଷ୍ୟର ଦେହରୂପୀ ରଥ ପଚଂ ତତ୍ୱ ଓ ପଚଂ ଇନ୍ଦ୍ରିୟର ସଂଯୋଗରେ ଦଶରଥ, ମାତ୍ର ଏହା ସତ୍ତ୍ୱେ ରାମରୂପୀ ଜ୍ଞାନ, ଲକ୍ଷ୍ମଣରୂପୀ ବୈରାଗ୍ୟ, ଭରତରୂପୀ ଭକ୍ତି ତଥା ଶତୃଘ୍ନ ରୂପୀ ସାହାସର ଅଭାବ ଘଟିଥାଏ। ଫଳରେ ଆମେ ଉଦ୍‌ଭ୍ରାନ୍ତ ହେବା ସହ ମନକୁ ଇନ୍ଦ୍ରିୟ ଲାଳସାରେ ବଶିଭୂତ ହୋଇ ସକଳ ଅନୈତିକ କାର୍ଯ୍ୟ କରିଥାଉ। ତେଣୁ ଆଜି ଆମ ପବିତ୍ର ଭାରତ ଭୂମିର ପ୍ରତ୍ୟେକ ଉଦ୍‌ଭ୍ରାନ୍ତ ଓ ଦ୍ୱନ୍ଦ୍ୱ ଭିତରେ ଛନ୍ଦି ହୋଇ ଛଟପଟ ହେଉଛନ୍ତି।

**ଉମାଶଙ୍କର ପ୍ରସାଦ**, ସମ୍ପାଦକ ତଥା ସ୍ତମ୍ଭକାର, ମାର୍ଗଦର୍ଶୀ, ଖୋର୍ଦ୍ଧା, ମୋ. ନଂ-୬୩୭୦୬୭୫୫୬୨

## ଆଜିର ଅନୁଚିନ୍ତା

**କାଳ ଯାହାକୁ କବଳିତ କରିପାରେ ନାହିଁ, ସେ ହିଁ ମହାକାଳ ।**

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଓଡ଼ିଆ କଥାକଳ୍ପନା ପରମ୍ପରା

ଡକ୍ଟର ମନୋରଞ୍ଜନ ବିଷୋୟୀ



ଜୀବନ ଓ ଜଗତକୁ ଉନ୍ମୋଚିତ କରିବାର ଏକ ମାଧ୍ୟମ ହେଉଛି କଳା ବା ସାହିତ୍ୟ । ସାହିତ୍ୟ ଓ ଜୀବନ ପରସ୍ପର ସହ ଅତି ଘନିଷ୍ଠ ଭାବରେ ସମ୍ବନ୍ଧାନ୍ୱିତ । ସାହିତ୍ୟ ସ୍ୱୟଂଭୁ ନୁହେଁ, ଏହା ମାନବକୃତ ଶିଳ୍ପକର୍ମ । ମାନବର ଆତ୍ମାନୁସନ୍ଧାନ ପ୍ରବୃତ୍ତିର ଏକ କଳାତ୍ମକ ଅଭିବ୍ୟକ୍ତି । ମଣିଷ ଜୀବନର ସ୍ମରଣୀୟ ଘଟଣାକୁ କଳାତ୍ମକ ରୂପପ୍ରଦାନ କରିଥାଏ ସାହିତ୍ୟ । ସାହିତ୍ୟର ବିପୁଳ ପ୍ରକାଶ କ୍ଷେତ୍ରକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ, ବିଭିନ୍ନ ସମୟରେ ସାହିତ୍ୟ ସମୟକୁ ଆଧାର କରି ଭିନ୍ନ ଭିନ୍ନ ରୂପନେଇ ପ୍ରକାଶଲାଭ କରିଥାଏ । ଧାରାବାହିକ ଭାବରେ ଗଢ଼ିଆସୁଥିବା ଭାରତୀୟ ସର୍ଜନା କ୍ଷେତ୍ରରେ ଏକଦା କାବ୍ୟ ଥିଲା ଭାବପ୍ରକାଶର ମୁଖ୍ୟ ଆଧାର । କିନ୍ତୁ ପରବର୍ତ୍ତୀ ପ୍ରେକ୍ଷାପଟ୍ଟରେ ଆଧୁନିକ ଚେତନାର ସଂସ୍ପର୍ଶରେ ଆସି କଳା କ୍ଷେତ୍ରରେ କ୍ରମେ ଗଦ୍ୟ ସାହିତ୍ୟ ପ୍ରାଧାନ୍ୟ ବିସ୍ତାର କରିଥିଲା । ଗଦ୍ୟ ସାହିତ୍ୟର ବିକାଶଧାରାରେ ଏକ ନବୀନତମ କଳାରୂପ ନେଇ ଆତ୍ମପ୍ରକାଶ କରିଥିଲା ଉପନ୍ୟାସ । ଅବଶ୍ୟ ଏକଥା ସତ୍ୟ, ଉପନ୍ୟାସ ଏକ ଆକସ୍ମିକ ସୃଷ୍ଟି ନୁହେଁ । ଏ ସମ୍ପର୍କରେ ଅବଶ୍ୟ ବହୁ ବିରୋଧାତ୍ମକ ମନ୍ତବ୍ୟ ଦୃଷ୍ଟିଗୋଚର ହୋଇଥାଏ । ଅନେକ ସମାଲୋଚକ ଏହାକୁ ମଧ୍ୟବିତ୍ତ ଶିକ୍ଷିତ ଗୋଷ୍ଠୀର ଅବଦାନ କହି, ଏହାର ସୃଷ୍ଟି ଧାରାକୁ ଅଷ୍ଟାଦଶ-ଊନବିଂଶ ଶତାବ୍ଦୀ ସହିତ ସମ୍ପର୍କାନ୍ୱିତ କରିଥା'ନ୍ତି । କିନ୍ତୁ ଏ ସମ୍ପର୍କରେ ନିଃସନ୍ଦେହରେ କୁହାଯାଇପାରେ ଯେ, ଉପନ୍ୟାସ ଭାରତୀୟ କଥାସର୍ଜନା ପରମ୍ପରାର କ୍ରମବିକାଶ ଧାରାରେ ଗଢ଼ିଉଠିଥିବା ଏକ ନୂତନ କଳାରୂପ । ଏହି ପର୍ଯ୍ୟାୟରେ ପହଞ୍ଚିବା ଅନ୍ତରାଳରେ ପ୍ରାଚୀନ ଲୋକକାହାଣୀ, ଉଭଟ କାହାଣୀ, ଆଦିବାସୀ ଗଳ୍ପ; ଏପରିକି ପ୍ରାଚୀନ ସଂସ୍କୃତ ସାହିତ୍ୟର ଅବଦାନ ମଧ୍ୟ କୌଣସିମତେ ନ୍ୟୁନ ନୁହେଁ । ତେଣୁ ବିଶିଷ୍ଟ ସମାଲୋଚକ କୃଷ୍ଣଚରଣ ବେହେରା କହନ୍ତି- ଆମ ସାହିତ୍ୟରେ ଆଧୁନିକ ଯୁଗର ଆତ୍ମପ୍ରକାଶ-ଆଧୁନିକ ସାରସ୍ୱତ ମାନସର ଭାବ-ମୂର୍ତ୍ତି ସତ୍ୟ; କିନ୍ତୁ ଏହା ଏକାବେଳେ ଓଳିଆରୁ ପଡ଼ି ଗଜା ହୋଇନାହିଁ । ଏକ ନିର୍ଦ୍ଦିଷ୍ଟ ଐତିହାସିକ କ୍ରମରେ ଏହାର ଉନ୍ମେଷ ସାଧିତ ହୋଇଛି । ଆଧୁନିକ ଯୁଗରେ ବିଧିବଦ୍ଧ ଭାବରେ ଉପନ୍ୟାସ ରଚିତ ହେବା ପୂର୍ବରୁ ଏହାର ବିଭିନ୍ନ ଲକ୍ଷଣ ଓ ଉପାଦାନ ବିକ୍ଷିପ୍ତ; ବିପର୍ଯ୍ୟସ୍ତ ଭାବରେ ଆମ ସାହିତ୍ୟରେ ପ୍ରକାଶଲାଭ କରିଛି । କ୍ଷେତ୍ର ପ୍ରସ୍ତୁତ ନଥିଲେ ବୀଜ ଅଙ୍କୁରିତ ହୁଏନାହିଁ, କି ଚେର ଧରିପାରେ ନାହିଁ ।

ଯଥାର୍ଥରେ କହିବାକୁ ଗଲେ ଉପନ୍ୟାସ, ଅବ୍ୟକ୍ତକୁ ବ୍ୟକ୍ତ କରେ ତଥା ଅରୂପକୁ ରୂପ ପ୍ରଦାନ କରିଥାଏ । କଥାସୃଜନ ପରମ୍ପରାର ପ୍ରମୁଖ ଅର୍ଥକୁ ବହନ କରୁଥିବା ତିନୋଟି ଶବ୍ଦକୁ ଏଠାରେ ଅନୁଶୀଳନ କରିବା ଏକାନ୍ତ ଆବଶ୍ୟକ । ସେହି ଶବ୍ଦ ତିନୋଟି ହେଲା-"Fiction, Narrative and Novel." ଆପାତତଃ ଏକ ଅର୍ଥଦ୍ୟୋତକ ମନେ ହେଉଥିବା ଏହି ତିନୋଟି ଅଭିବ୍ୟକ୍ତିକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ, ଏକ ବ୍ୟାପକ ପ୍ରକାଶଧାରାକୁ ଚିହ୍ନିତ କରିଥାଏ ଶ ଏହି ଶବ୍ଦର ଅର୍ଥ ହେଲା 'ମାନସିକ ସଂରଚନା' (Mental Structure or Mental act of putting together) ଏହା ଏକ ମାନସିକ କ୍ରିୟା, ଯାହା ଅବ୍ୟକ୍ତକୁ ବ୍ୟକ୍ତ ଓ ଅରୂପକୁ ରୂପ ପ୍ରଦାନ କରିବା ସହ, ମାନବୀୟ କଳ୍ପନାର ସହାୟତାରେ ସବୁ କଳାକ୍ଷେତ୍ରର ଆଦ୍ୟବିନ୍ଦୁରେ ଅବସ୍ଥାପିତ ହୋଇଥାଏ । ତେଣୁ କଥାସୃଜନ ପରମ୍ପରାର ଏକ ସ୍ୱାଭାବିକ କ୍ରମ ପରିଣତି ନୁହେଁ । ପାରମ୍ପରିକ କଥାସୃଜନ ଧାରା ଏହାର ପୃଷ୍ଠଭୂମି ପ୍ରସ୍ତୁତ କରିଅଛି ନିଶ୍ଚୟ, କିନ୍ତୁ ଆଖ୍ୟାନ ଭାଗକୁ ବାଦ୍‌ଦେଲେ ପ୍ରାଚୀନ କଥା ଏବଂ ଉପନ୍ୟାସ ସମ୍ପର୍କ ଅତିକ୍ଷୀଣ ।

ସାଧାରଣତଃ ଉପନ୍ୟାସ 'Novel' ଶବ୍ଦଟି ସହ ସମ୍ପର୍କିତ ଯାହା ଇଟାଲୀ 'Novella' ଶବ୍ଦରୁ ଆହୃତ ଏକ ମୁକ୍ତଧର୍ମୀ କଳାରୂପ । 'Novella' ଶବ୍ଦର ଅର୍ଥ ମୌଳିକ ବକ୍ତବ୍ୟ । ଉପନ୍ୟାସ ସୃଷ୍ଟିରେ ସ୍ରଷ୍ଟା ବାସ୍ତବତା ସହ ମୌଳିକ କଳ୍ପନାକୁ ସଂଯୋଜିତ କରି ସାରସ୍ୱତ ରୂପଟି ପ୍ରସ୍ତୁତ କରିଥାଏ । ଫରାସୀ ଭାଷାରେ ଉପନ୍ୟାସ, 'ରୋମାନ୍' (Roman) ଅର୍ଥରେ ବ୍ୟବହୃତ । ଫରାସୀ ଭାଷା- ସାହିତ୍ୟରେ ଏହି ଶବ୍ଦଟି ମୂଳ ରୋମାନ୍‌ସ (Romance) ଶବ୍ଦରୁ ଆନୀତ । ଫରାସୀ, ଇଟାଲୀ, ସ୍ପେନୀୟ, ପର୍ତ୍ତୁଗୀଜ ପ୍ରଭୃତି ଭାଷା ପରିବାର ନାମ ହେଉଛି 'ରୋମାନ୍‌ସ ଭାଷା' । ଏହି ଭାଷାକୁ ନେଇ ୟୁରୋପୀୟ ବୀରମାନଙ୍କର ଅଦ୍ଭୁତ ମହାକାବ୍ୟ ଓ ପ୍ରଣୟ କାହାଣୀମାନ ରଚିତ ହୋଇଥିଲା । ଏହି କାହାଣୀଗୁଡ଼ିକୁ ସାଧାରଣ ଭାବରେ କୁହାଯାଉଥିଲା (Romance) ରୋମାନ୍‌ସ । ଏହି ଭାବ ଗ୍ରହଣ କରି ଫରାସୀ ଓ ଋଷ ଭାଷାରେ ଉପନ୍ୟାସକୁ 'ରୋମାନ୍' (Roman) ନାମରେ ନାମିତ କରାଯାଇଥିଲା ।

ଭାରତୀୟ ଭାଷାରେ 'ଉପନ୍ୟାସ' ଶବ୍ଦର ବ୍ୟୁତ୍ପତ୍ତିରୁ ଜଣାଯାଏ ଏହା ଦୁଇଟି ଶବ୍ଦର ସମଷ୍ଟିରୁ ସୃଷ୍ଟି । ଏହି ଶବ୍ଦ ଦୁଇଟି ହେଉଛି 'ଉପ' ଏବଂ 'ନ୍ୟାସ' । 'ଉପ'ର ଅର୍ଥ ସମୀପ ଏବଂ 'ନ୍ୟାସ'ର ଅର୍ଥ ସ୍ଥାପନ । ଅର୍ଥାତ୍ ଯାହା ଆମ ନିକଟରେ ଥାଏ । ଅନ୍ୟଦିଗରେ 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' ଉପନ୍ୟାସ ଶବ୍ଦର ଶବ୍ଦତାତ୍ତ୍ୱିକ ଅନୁଶୀଳନ କରି ଏହାକୁ କଳ୍ପିତ କଥା ବା ଉପକଥା ଭାବରେ ସଂଜ୍ଞାୟିତ କରିଛନ୍ତି । କିନ୍ତୁ 'ଅମରକୋଷ'ରେ କଥାର ଆରମ୍ଭକୁ ଉପନ୍ୟାସ କୁହାଯାଇଛି ।

ଉପନ୍ୟାସ ଏକ କ୍ରମବିବର୍ତ୍ତନଶୀଳ ସାରସ୍ୱତ କଳା । ଏହାର ଅଭିବ୍ୟକ୍ତି ମୁକ୍ତ, ଅବାଧ ଓ ସୀମାହୀନ । କାବ୍ୟ ନାଟକ ପରି ଏହା ଅତ୍ୟନ୍ତ ନିୟମବଦ୍ଧ ନୁହେଁ । ତେଣୁ ଏହାକୁ ନିର୍ଦ୍ଦିଷ୍ଟ ସଂଜ୍ଞାରେ ଆବଦ୍ଧ କରିବା କଷ୍ଟକର ବ୍ୟାପାର । ବିଶ୍ୱପ୍ରସିଦ୍ଧ ସାହିତ୍ୟିକ ଓ ସମାଲୋଚକମାନଙ୍କ ମତକୁ ବିଶ୍ଳେଷଣ କରି ଏତିକି କହିଲେ ଯଥେଷ୍ଟ ହେବ ଯେ, ଉପନ୍ୟାସ ହେଉଛି ଏକ ସୃଜନଶୀଳ ସୃଷ୍ଟି ବା ନିର୍ମାଣ କଳା, ଯାହା ଭାଷା ମାଧ୍ୟମରେ ଜୀବନକୁ ଦେଖେ; ଜୀବନ ସହ ବିଶ୍ୱର ନିତ୍ୟ ସମ୍ପର୍କ ନିରୂପଣ କରେ । ଏହା ଜୀବନପରି ଦିଗନ୍ତବିସ୍ତାରୀ । ଜୀବନର ନିତ୍ୟନୂତନ ପରିବର୍ତ୍ତନ ଓ ବହୁବୈଚିତ୍ର୍ୟରେ ଏହା ସ୍ୱୟଂ ସଂପୂର୍ଣ୍ଣ ।

ମୋଟାମୋଟି ଭାବରେ ଉପନ୍ୟାସ ସଂପର୍କରେ କୁହାଯାଇପାରିବ ଯେ-ଉପନ୍ୟାସ ମଣିଷର ବାସ୍ତବ ଓ ପୂର୍ଣ୍ଣାଙ୍ଗ ଜୀବନର କାଳ୍ପନିକ ଗଦ୍ୟ କାହାଣୀ । ସାଧାରଣତଃ ଏହା ମଣିଷ ଜୀବନର ଅଥବା ସମାଜର ଏକ ଅଖଣ୍ଡ ପରିପୂର୍ଣ୍ଣ ଚିତ୍ର ପ୍ରଦାନ କରିଥାଏ । ଲେଖକର ବ୍ୟକ୍ତିଗତ ଦୃଷ୍ଟିଭଙ୍ଗୀ ଓ ଜୀବନାନୁଭୂତି ଏହା ମଧ୍ୟରେ ପରୋକ୍ଷ ଭାବରେ ପ୍ରକାଶିତ ହୋଇଥାଏ । ସ୍ୱାଭାବିକ ଭାବରେ ଗଳ୍ପକଥନ, ଚରିତ୍ରଚିତ୍ରଣ, ଦୃଶ୍ୟ, ଘଟଣାଦି ବର୍ଣ୍ଣନା ମାଧ୍ୟମରେ ଉପନ୍ୟାସର ଏହି ଉଦ୍ଦେଶ୍ୟ ସାଧିତ ହୋଇଥାଏ ।

ଉପନ୍ୟାସ କଳାକୁ ବିଶ୍ଳେଷଣ କଲେ ଗୋଟିଏ କଥା ସ୍ପଷ୍ଟ ହୋଇଉଠେ ଯେ, ଉପନ୍ୟାସ ହେଉଛି ଏକ ଆବିଷ୍କାର । ଉପନ୍ୟାସ ସାହିତ୍ୟର ମୂଳ ଉଦ୍ଦେଶ୍ୟ ବ୍ୟକ୍ତି ଜୀବନର ଧାରାବିବରଣୀ କିମ୍ବା ବାସ୍ତବତାର ଅବିକଳ ପ୍ରତିଫଳନ ନୁହେଁ । ପରନ୍ତୁ କହିବାକୁ ଗଲେ ପାରମ୍ପରିକତାର ପ୍ରତିଷ୍ଠିତ ଚିନ୍ତାଧାରାର ଦେହଳୀ ମଧ୍ୟରୁ କଳା ଓ ଜୀବନକୁ ମୁକ୍ତି ପ୍ରଦାନ କରି ଏକ ନୂତନ ସାରସ୍ୱତ ମୂଲ୍ୟବୋଧ ପ୍ରତିଷ୍ଠା ଦିଗରେ ଉପନ୍ୟାସର ସ୍ରଷ୍ଟା ଯତ୍ନଶୀଳ । ବାସ୍ତବବାଦୀ କଳା ହେଉଛି ଜୀବନର ଅନୁକୃତି (Mimatic) ମାନବ ଜୀବନର ବିଭିନ୍ନ ଘଟଣା ଓ କାର୍ଯ୍ୟାବଳୀର ଏହା ଏକ ପ୍ରତିଫଳନ ।

ଉପନ୍ୟାସ ସାହିତ୍ୟକୁ ଅନୁଧ୍ୟାନ କଲେ ଜଣାଯାଏ, ଉପନ୍ୟାସ ବ୍ୟକ୍ତିକୁ ତା'ର ପାରମ୍ପରିକ ସାରସ୍ୱତ ପ୍ରବାହରୁ ମୁକ୍ତ କରି ବର୍ଣ୍ଣିଳ ଓ ବୈଚିତ୍ର୍ୟମୟ ଜୀବନର ବୈଶିଷ୍ଟ ପ୍ରଦାନ କରିଥାଏ । ତା'ର ଗତିପଥ 'ନିରୀହତା'ରୁ 'ଅଭିଜ୍ଞତା' ଆଡ଼କୁ ଗତି କରିଥାଏ ଏବଂ ଉପନ୍ୟାସର କଳେବର ମଧ୍ୟରେ ଜୀବନର ବ୍ୟାପ୍ତି ଓ ବୈଚିତ୍ର୍ୟ ଉପସ୍ଥାପନା କଲାବେଳେ, ଏକ ଜୀବନବାଦୀ ଦୃଷ୍ଟିକୋଣରୁ ଚରିତ୍ର, ଘଟଣା ତଥା କଥାନକ ମାଧ୍ୟମରେ ଉପସ୍ଥାପିତ କରିବା ନିମନ୍ତେ ଚେଷ୍ଟା କରିଥାଏ । ତେଣୁ ଜୀବନକୁ ରୂପାୟିତ କରିବାର ପ୍ରୟାସ ଉପନ୍ୟାସ ସାହିତ୍ୟରେ ଏକ ବାସ୍ତବବାଦୀ ରୂପନେଇ ଦେଖାଦେବା ଅସ୍ୱାଭାବିକ ନୁହେଁ ।

ବସ୍ତୁତଃ ଉପନ୍ୟାସ ଆମ ସାହିତ୍ୟ ରାଜ୍ୟରେ ଏକ ଅର୍ବାଚୀନ ଅତିଥି । ଏହି ଅତିଥି ଅର୍ବାଚୀନ ହେଲେ ହେଁ, ସାହିତ୍ୟ ରାଜ୍ୟରେ ଏହାର ଔଜ୍ଜଲ୍ୟ ଅନ୍ୟାନ୍ୟ କଳାସୃଷ୍ଟିକୁ ଯେ ନିଷ୍ପ୍ରଭ କରିଦେଇଛି, ଏଥିରେ ସନ୍ଦେହ ନାହିଁ ।

ଓଡ଼ିଆ ସାହିତ୍ୟରେ ଉପନ୍ୟାସ କଥା ଆଲୋଚନା କରିବା ପୂର୍ବରୁ ସର୍ବପ୍ରଥମେ ଆମକୁ, କଥାସୃଜନ ପରମ୍ପରା ପ୍ରାଚ୍ୟ ପୃଷ୍ଠଭୂମିକୁ ଅନୁଧ୍ୟାନ କରିବା ଏକାନ୍ତ ଆବଶ୍ୟକ । ଏହି ପ୍ରାଚ୍ୟ ପରମ୍ପରା ଆମକୁ ପ୍ରଦାନ କରିଛି ଅପରୂପ ସମ୍ପଦ । ଅଲିଖିତ, ଅପୁରୁଷେୟ ବେଦର ପରିସରରୁ ଏହି ଯାତ୍ରାର ପଥ ଦୁର୍ବାର ଗତିରେ ଏକବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରଲମ୍ବିତ । ଏହି କଥାଯାତ୍ରାର ପଥ ବେଦଠାରୁ ଆରମ୍ଭ ହୋଇ ସଂସ୍କୃତର ଦଶକୁମାର ଚରିତ, ହର୍ଷଚରିତ, କାଦମ୍ବରୀ, ପଞ୍ଚତନ୍ତ୍ର, ହିତୋପଦେଶ, କଥାସରିତ ସାଗର, ବେତାଳ ପଞ୍ଚବିଂଶତି ପର୍ଯ୍ୟନ୍ତ ଏହା ପ୍ରଲମ୍ବିତ । ପରବର୍ତ୍ତୀ ସମୟରେ ଏହା ପାଲି, ପ୍ରାକୃତ ଦେଇ ଲୋକସାହିତ୍ୟର ପରିସର ମଧ୍ୟରେ ସମୃଦ୍ଧ ହୋଇଛି । ସରଳ ମାନବ ଜୀବନର ଅନ୍ତରଙ୍ଗ ଅନୁଭୂତି ଓ ଅକପଟ ଅଭିବ୍ୟକ୍ତିକୁ ପ୍ରତିଫଳନ କରିଛି ଲୋକସାହିତ୍ୟ । ଏହିସବୁ ଦୃଷ୍ଟିରୁ ଦେବତା, ଅସୁର, ଗନ୍ଧର୍ବ, କିନ୍ନର, ପଶୁପକ୍ଷୀ, ବୃକ୍ଷଲତା, କୀଟପତଙ୍ଗ ପର୍ଯ୍ୟନ୍ତ ବହୁବିଧ ବୈଚିତ୍ର୍ୟକୁ ଲକ୍ଷ୍ୟ କରିହୁଏ ।

ସାରସ୍ୱତ କ୍ଷେତ୍ରରେ ନୂତନ କଳାରୂପ ଭାବରେ ଉପନ୍ୟାସର ଜନ୍ମ କେବଳ ଏକ ପରିବର୍ତ୍ତିତ ସାହିତ୍ୟିକ ଅଭିରୁଚିକୁ କେନ୍ଦ୍ର କରି ସୃଷ୍ଟି ନୁହେଁ । ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଏ ଦେଶର ସାମାଜିକ, ରାଜନୈତିକ, ଅର୍ଥନୈତିକ ତଥା ଧାର୍ମିକ ପୃଷ୍ଠଭୂମିରେ ଯେଉଁ ଯୁଗାନ୍ତକାରୀ ପରିବର୍ତ୍ତନ ଘଟିଥିଲା ତାହାରି ମଧ୍ୟରୁ ଏପରି ଏକ ନୂତନ କଳାରୂପର ଜନ୍ମ । ଭାରତୀୟ ଇତିହାସ, ସଂସ୍କୃତି, ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଜାତି, ଧର୍ମ ତଥା ଚେତନା ଦ୍ୱାରା ପ୍ରଭାବିତ ଓ ପରିବର୍ତ୍ତିତ ହୋଇଆସିଅଛି । ଏହି ପରିବର୍ତ୍ତନକୁ ଏକ ବାସ୍ତବବାଦୀ ଦୃଷ୍ଟିଭଙ୍ଗୀ ମାଧ୍ୟମରେ ଉପନ୍ୟାସ ସହିତ ପ୍ରତିଫଳନ କରିଆସିଅଛି ।

ଭାରତୀୟ ସାହିତ୍ୟରେ ଉପନ୍ୟାସର ପ୍ରକାଶ ଓ ବିକାଶ ଉତ୍ସ ପ୍ରାଚୀନ ଭାରତୀୟ ସାହିତ୍ୟରେ ନିହିତ ଥିଲେ ମଧ୍ୟ ବିଧିବଦ୍ଧ ରୂପରେ ଆତ୍ମପ୍ରକାଶ କରିଛି ଇଂରେଜୀ ଶିକ୍ଷା ଓ ସଭ୍ୟତାର ପ୍ରଭାବ ତଥା ପ୍ରତିଷ୍ଠା କାଳରେ । ଇଂରେଜୀ ଭାଷା ସାହିତ୍ୟ ଅଧ୍ୟୟନ କରି ଆଧୁନିକ ଶିକ୍ଷିତ ଗୋଷ୍ଠୀଠାରେ ଭାରତୀୟ ସାହିତ୍ୟରେ ଉପନ୍ୟାସ ରଚନାର ପ୍ରବୃତ୍ତି ଦେଖାଦେଇଥିଲା । ଏହି ନୂତନ ଶିକ୍ଷାର ବିସ୍ତାର ବିଶ୍ୱକୁ ଗବାକ୍ଷ ଉନ୍ମୋଚିତ କରିବା ସହ ଅନେକ ଚେତନାଶୀଳ ଧାରାକୁ ଜନ୍ମ ଦେଇଛି । ପ୍ରଥମେ ବଙ୍ଗ ଜନଜୀବନ ଇଂରେଜ ଶିକ୍ଷା ଓ ସଭ୍ୟତା ସହ ଅଧିକ ଘନିଷ୍ଠ ହୋଇଥିଲେ । କାରଣ ଇଂରେଜମାନେ ପ୍ରଥମେ କଲିକତା ସହରର ନିଜର ପ୍ରଭାବ, ପ୍ରତିପତ୍ତି, ପ୍ରତିଷ୍ଠା ସବୁକିଛି ଜାହିର କରିଥିଲେ । ଫଳସ୍ୱରୂପ ପ୍ରଥମେ ବଙ୍ଗଳାରେ ହିଁ ଉପନ୍ୟାସ ସୃଷ୍ଟି ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଥିଲା ।

ଓଡ଼ିଆ ଉପନ୍ୟାସର ଆଦ୍ୟପର୍ବକୁ ଲକ୍ଷ୍ୟ କଲେ ଜଣାଯାଏ ଯେ, ଉମେଶ ଚନ୍ଦ୍ର ସରକାର, ରାମଶଙ୍କର ରାୟ ଆଦି ଔପନ୍ୟାସିକଙ୍କ ଲେଖନୀରେ ଏହାର ଅୟମାରମ୍ଭ ଘଟି, ଫକୀରମୋହନଙ୍କ ଲେଖନୀରେ ଏହା ମାର୍ଜ୍ଜିତ ଓ ସମୃଦ୍ଧ ହୋଇଛି । ୧୮୭୭-୭୮ରେ ପ୍ରଥମ ଓଡ଼ିଆ ଉପନ୍ୟାସ ଅସମ୍ପୂର୍ଣ୍ଣ ଭାବେ ରାମଶଙ୍କରଙ୍କର 'ସୌଦାମିନୀ' 'ଉତ୍କଳ ମଧୁପ'ରେ ପ୍ରକାଶିତ ହୋଇଥିଲା । ୧୮୮୮ରେ ଉମେଶ ଚନ୍ଦ୍ର ସରକରାଙ୍କ ଉପନ୍ୟାସ 'ପଦ୍ମମାଳୀ' ପ୍ରକାଶିତ ହୋଇଥିଲା । ଏହାକୁ ଓଡ଼ିଆ ସାହିତ୍ୟର ପୂର୍ଣ୍ଣାଙ୍ଗ ଉପନ୍ୟାସ ଭାବେ ଗ୍ରହଣ କରାଯାଇଥିଲେ ମଧ୍ୟ ଓଡ଼ିଆ ଉପନ୍ୟାସ ରଚନା କ୍ଷେତ୍ରରେ ଫକୀରମୋହନଙ୍କ ଉପନ୍ୟାସ ଏକ ବିରଳ ପ୍ରଭାବ ସୃଷ୍ଟି କରିଥିଲା । ଭାରତୀୟ ଉପନ୍ୟାସ ସାହିତ୍ୟ ପ୍ରେକ୍ଷାପଟ୍ଟରେ ଫକୀରମୋହନ ଓଡ଼ିଆ ଉପନ୍ୟାସ ସାହିତ୍ୟକୁ ସମୃଦ୍ଧ କରିବା ସହ ଏକ ସ୍ୱତନ୍ତ୍ର ପରିଚିତି ମଧ୍ୟ ସୃଷ୍ଟି କରିପାରିଥିଲେ ।

ସ୍ୱାଧୀନତା ପୂର୍ବବର୍ତ୍ତୀ କାଳର ଉପନ୍ୟାସ ଯଥାର୍ଥରେ ଥିଲା ଏକ ସ୍ୱପ୍ନ ଓ ସମ୍ଭାବନାର ପ୍ରତିଫଳନ । ଏ ସମୟରେ ଭାରତ ସ୍ୱାଧୀନତା ପାଇବା ପାଇଁ ସଂଗ୍ରାମ ଜାରି ରହିଥିଲା । ଓଡ଼ିଶା ମଧ୍ୟ ଇଂରେଜ କବଳରୁ ମୁକ୍ତି ପାଇବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଥିଲା । ତେଣୁ ଇଂରେଜ ଶାସନାଧୀନ ଓଡ଼ିଶାର ଅନୁଭୂତିକୁ ଔପନ୍ୟାସିକମାନେ ଉପନ୍ୟାସରେ ସ୍ଥାନ ଦେଇଥିଲେ । ତେଣୁ ଏହି ସମୟରେ ଓଡ଼ିଆ ଉପନ୍ୟାସର ପୃଷ୍ଠଭୂମି ଇଂରେଜମାନଙ୍କ ଶାସନ, ଶିକ୍ଷା ଓ ସଭ୍ୟତା ତଥା ସଂସ୍କୃତିକୁ ନେଇ ଗଢ଼ିଉଠିଥିଲା । ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ ମୁଖ୍ୟତଃ ଧର୍ମାଶ୍ରୟୀ ଓ ଭୋଗବାସନା ସର୍ବସ୍ୱ । ଏ ଯୁଗର କଳ୍ପନାପ୍ରବାସୀ କବି ବାସ୍ତବତାଠାରୁ ବହୁ ଦୂରରେ ବିଚରଣ କରୁଥିବା ବେଳେ ଇଂରେଜ ଭାଷା ଓ ସାହିତ୍ୟର ପ୍ରଚାର ଓ ଏ ଦେଶରେ ନୂତନ ଚେତନା ସୃଷ୍ଟି କରି ସଭ୍ୟତାର ଧାରାରେ ପରିବର୍ତ୍ତନ ଆଣିଥିଲା । ଫଳରେ ପରବର୍ତ୍ତୀ ସାହିତ୍ୟର ପ୍ରାଣସ୍ପନ୍ଦନ ବାସ୍ତବଧର୍ମୀ ଓ ଜୀବନାନୁଭୂତି ପୂର୍ଣ୍ଣ ହୋଇପାରିଥିଲା । ଏହା ମୁଖ୍ୟତଃ ସତ୍ୟ ଓ ଅନୁଭୂତି ଉପରେ ଆଧାରିତ ହୋଇ ଧୂଳିଧୂସରିତ ଧରିତ୍ରୀ ଓ ମଣିଷକୁ ନେଇ ଗଢ଼ିଉଠିଥିଲା । ସ୍ୱାଧୀନତା ପ୍ରାପ୍ତି ପରେ ଓଡ଼ିଆ ଉପନ୍ୟାସର ବିକାଶ ଏକ ଭିନ୍ନ ମାର୍ଗରେ ଗତି କରିଛି । କ୍ରମେ ପ୍ରାଚ୍ୟ-ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତାର ମିଳନ, ଶିଳ୍ପର ପ୍ରସାର ଓ ବିକାଶ, ଗଣମାଧ୍ୟମର ବ୍ୟାପକ ପ୍ରସାର, ବିଜ୍ଞାନର ବିକାଶ ଓ ଗମନାଗମନର ସୁବିଧା ଯୋଗୁଁ ବିଶ୍ୱ ସଙ୍କୁଚିତ ମନେହୋଇଛି । ଫଳତଃ ପାରମ୍ପରିକ ମଣିଷର ସମସ୍ୟା, ଚିନ୍ତାଧାରା ଏକ ଭିନ୍ନ ରୂପ ନେଇ ବିଂଶ ଶତକର ଅଭିବ୍ୟକ୍ତିରେ ରୂପଲାଭ କରିଛି । ଆଜି ବିଶ୍ୱର ପ୍ରତ୍ୟେକ ଦେଶରେ ଗାନ୍ଧୀଦର୍ଶନ, ମାର୍କସ୍‌ଙ୍କ ସାମ୍ୟବାଦୀ ଭାବନା, ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦ, ଫ୍ରଏଡ୍‌ଙ୍କ ସ୍ୱପ୍ନ ରହସ୍ୟର ବ୍ୟାଖ୍ୟା, ସାର୍ତ୍ତ୍ରେଙ୍କ ସ୍ଥିତିବାଦୀ ଦୃଷ୍ଟିଭଙ୍ଗୀ, କାମ୍ୟୁଙ୍କ ଉଭଟ ଭାବଧାରା, ଆବୋରି ବସିଛି । ମଣିଷ କୌଣସି ନିର୍ଦ୍ଦିଷ୍ଟ ଚେତନାର ବାହକ ଭାବେ ଜୀବନ ଅତିବାହିତ କରୁନାହିଁ । ମଣିଷର ସାମାଜିକ ଜୀବନ ଆଜି ହୋଇଉଠିଛି ସମସ୍ୟା କ୍ଲିଷ୍ଟ । ଆଧ୍ୟାତ୍ମିକ ଏବଂ ମାନସିକ ଭାବସତ୍ତା ତା'ଠୁ ଅଧିକ ବିପର୍ଯ୍ୟସ୍ତ । ଆଜି ବ୍ୟକ୍ତି ଏକ ଧୂସର ଉପତ୍ୟକାର ଅଧିବାସୀ । ସଫଳତା ଓ ସ୍ୱୀକୃତିର ଘୋଡ଼ାଦୌଡ଼ରେ ସେ ଅଣନିଃଶ୍ୱାସୀ । ସଫଳତାର ସିଢ଼ିଚଢ଼ାରେ ସେ ଲଗାଇଛି ଆପଣାର ମୂଲ୍ୟବୋଧ । ଆଧ୍ୟାତ୍ମିକ ବିଶ୍ୱାସହୀନତା ବ୍ୟକ୍ତି ପାଇଁ ସୃଷ୍ଟି କରିଛି ଏକ ନାହିଁ ନାହିଁର ଉପତ୍ୟକା । ଫଳତଃ ମାନବର ପ୍ରତିଲିପି ଅଙ୍କନ କଲାବେଳେ ସ୍ରଷ୍ଟା ଏହି ସତ୍ୟତାକୁ ଆପଣାର ସୃଷ୍ଟିରେ ପ୍ରାଣବନ୍ତ କରିଛି ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ମଣିଷ ତା' ନିଜ ଭିତରେ ଏକ ଅଦ୍ଭୁତ ମାନସିକତାର ସମାହାର ଦେଖିବାକୁ ପାଉଛି । ଗୋଟିଏ ଦିଗରେ ବିଶ୍ୱସହିତ ସମନ୍ୱିତ ହେଲାବେଳେ ସେ ହେଉଛି ବିଶ୍ୱବ୍ୟକ୍ତିତ୍ୱର ଏକ ଅବିଚ୍ଛିନ୍ନ ଅଙ୍ଗ । ପୃଥିବୀର କୋଣ ଅନୁକୋଣରେ ଘଟିଯାଉଥିବା ସାମାନ୍ୟରୁ ସାମାନ୍ୟତମ ଘଟଣା ତା'ର ମାନସିକତାକୁ ପ୍ରଭାବିତ କରିଥିବା ସ୍ୱାଭାବିକ । ତେଣୁ ଏକ ଦ୍ୱୈତବ୍ୟକ୍ତିତ୍ୱର ସମାହାର ହେଉଛି ସ୍ୱାଧୀନତା ପରବର୍ତ୍ତୀ ସମୟର ମଣିଷ । ଯାହାକୁ ବିଶ୍ଳେଷଣ କରିବାକୁ ଯାଇ କବି ସୀତାକାନ୍ତ ମହାପାତ୍ର କୁହନ୍ତି- ଦୁଇଟି ବିପରୀତଧର୍ମୀ ଅନୁଭୂତି ମୋ ଚେତନାର ମୌଳିକ ସ୍ଥିତି ରୂପେ ସବୁବେଳେ ପ୍ରତୀୟମାନ ହେଉଛି । ସେଥିରୁ ଗୋଟିଏ ହେଉଛି ସଂଯୋଗର, ସହାନୁଭୂତିର, ବ୍ୟକ୍ତିର, ଅନୁରକ୍ତିର ଏବଂ ଅନ୍ୟଟି ହେଉଛି ବିୟୋଗର ଅନାସକ୍ତି- ନିରନ୍ଧ୍ର, ନିଃଶବ୍ଦ, ନୀରବତାର । ବେଳେବେଳେ ଏବଂବିଧ ଉଭୟ ଅନୁଭୂତିର ଏକକାଳରେ ଏକ ସ୍ଥାନରେ ଓ ଏକ ପ୍ରକ୍ରିୟାରେ ମାନସ ରାଜ୍ୟରେ ଏକୀକୃତ ହୋଇଛନ୍ତି ।

ଅନୁଧ୍ୟାନ କଲେ ଦେଖାଯାଏ ଯେ, ଆଜି ବିଶ୍ୱ ଏକ ସଙ୍କୁଚିତ କ୍ଷେତ୍ରରେ ପରିଣତ ହୋଇଛି । ପ୍ରଯୁକ୍ତି ବିଦ୍ୟା ଜୀବନରେ ଆଣିଛି ଅଭୂତପୂର୍ବ ପରିବର୍ତ୍ତନ । ଫଳତଃ ଏକ ମୁକ୍ତକଳା ଭାବରେ ରୂପଲାଭ କରିଥିବା ଉପନ୍ୟାସ ଆପଣାର ରୂପ ଓ ଭାବରେ ବିପୁଳ ପରିବର୍ତ୍ତନ ଆଣିବା ସ୍ୱାଭାବିକ । ବାସ୍ତବିକ ଆଜିର ଉପନ୍ୟାସ ରୂପ ଓ ଗୁଣରେ ବହନ କରିଛି ଅନେକ ପରିବର୍ତ୍ତନ । ଏକ କାହାଣୀର ମାୟାଜାଲ ଅପେକ୍ଷା ଅବସ୍ଥା ଓ ପରିବେଶର ଆଧାରରେ ଏହା ବଖାଣିଛି ଜୀବନର ଅକୃତ୍ରିମ ରୂପ । ପାଶ୍ଚାତ୍ୟ ମେଟାଫିକ୍‌ସନ୍ ଓଡ଼ିଆ ଚେତନାରେ ଚିତ୍ରୋପନ୍ୟାସ, ପ୍ରୟୋପନ୍ୟାସ, ମୁକ୍ତୋପନ୍ୟାସ ରୂପ ନେଇ ପାଠକଙ୍କୁ ଭିନ୍ନ ଅନୁଭୂତି ପ୍ରଦାନ କରିଛି । ଇତିହାସର ପୁନଃ ଅନଧ୍ୟାନ, ଉପନିବେଶବାଦ ଦୃଷ୍ଟିଭଙ୍ଗୀରୁ ମୁକ୍ତିଲାଭ, ଲିଙ୍ଗଗତ ବୈଷମ୍ୟ ବିରୁଦ୍ଧରେ ସ୍ୱର ତଥା ସମଲିଙ୍ଗୀ ଜୀବନଧାରଣର ଇତିବୃତ୍ତ ଏ କଳାକୁ କରିଛି ଅଧିକ ଜୀବନଧର୍ମୀ । ଓଡ଼ିଆ କଥାକଳ୍ପନା ଆଦ୍ୟ ପର୍ଯ୍ୟାୟରେ ଯେପରି ପରିବର୍ତ୍ତନ ସହ ପରମ୍ପରାକୁ ଆଦରି ନେଇଥିଲା, ସାଂପ୍ରତିକ ପ୍ରେକ୍ଷାପଟ୍ଟରେ ମଧ୍ୟ ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱଧାରା ସହ ଅପରିବର୍ତ୍ତିତ ମୂଲ୍ୟବୋଧକୁ ନେଇ ସୃଷ୍ଟିଲାଭ କରିଛି । ସଂକ୍ଷେପରେ କହିଲେ-ଗୋଷ୍ଠୀ ଜୀବନର ସ୍ୱାତନ୍ତ୍ର୍ୟ ସହ ବିଶ୍ୱଜୀବନର ଆଲେଖ୍ୟକୁ ସମନ୍ୱିତ କରି ଏହା କାଳବକ୍ଷରେ ଆଣିଛି ଆପଣାର ଅନନ୍ୟ ସ୍ୱାକ୍ଷର ।

*-ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସଂପର୍କ: ୮୮୯୫୧୪୧୭୨୭*

# ପଞ୍ଚତତ୍ତ୍ୱ ଓ ପଞ୍ଚ ମାନବୀୟ ମୂଲ୍ୟବୋଧ

ତ୍ରିନାଥ ଓଝା



ଦୈନନ୍ଦିନ ଜୀବନ ବା ଆଧ୍ୟାତ୍ମିକ ଜୀବନକୁ ଦେଖିଲେ ଜଣାପଡ଼େ ମାନବୀୟ ମୂଲ୍ୟବୋଧ ବା ମଣିଷପଣିଆ ହିଁ ଉତ୍ତମ ଜୀବନ ଚେତନା ଏହା ହିଁ ଆମ ସମସ୍ତଙ୍କ ପାଇଁ ଚିର ପାଥେୟ। ପାଞ୍ଚଟି ମହାନ ତତ୍ତ୍ୱ ଏ ସମଗ୍ର ସୃଷ୍ଟିର ମୂଳଭିତ୍ତି। ସେଗୁଡ଼ିକ ପଞ୍ଚପ୍ରାଣ, ପଞ୍ଚ ମହାଭୂତ, ପଞ୍ଚକୋଷ ସଦୃଶ। ସେଗୁଡ଼ିକ ହେଉଛି ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା। ପ୍ରେମ ଏସବୁଗୁଡ଼ିକର ଅନ୍ତଃସାର। ତୁମଠାରେ ଯଦି ପ୍ରେମ ଭାବ ନାହିଁ ତେବେ ତାହା ମୃତ୍ୟୁ ସହ ସମାନ। ଏହି ପ୍ରେମ ହିଁ ସର୍ବବ୍ୟାପୀ, ସର୍ବଜୀବାନ୍ତରାତ୍ମା, ସବୁକିଛି। ଭାବନା ମାଧ୍ୟମରେ ପ୍ରେମ ହିଁ ସତ୍ୟ। କର୍ମ ମାଧ୍ୟମରେ ପ୍ରେମ ହିଁ ଧର୍ମ। ଅନୁଭବ ମାଧ୍ୟମରେ ପ୍ରେମ ହିଁ ଶାନ୍ତି। ପ୍ରେମକୁ ହୃଦୟଙ୍ଗମ କରିବା ହିଁ ଅହିଂସା। ସତ୍ୟ, ଧର୍ମ, ଶାନ୍ତି ଓ ଅହିଂସା ଏ ସବୁର ଅନ୍ତଃସଳିଳା ହେଉଛି ପ୍ରେମ। ଏହି ପ୍ରେମର ଅଭିବୃଦ୍ଧି ଓ ବିକାଶ ପାଇଁ ଆମେ ଚେଷ୍ଟା କରିବା ଉଚିତ। ଘୃଣାଭାବ ଦୂର କରିବାକୁ ଲାଗିପଡିବା। ନିଜର ପ୍ରବୃତ୍ତି ଓ ଆବେଗକୁ ନିୟନ୍ତ୍ରଣ କରିବା ଯାହାଦ୍ୱାରା ଅହଂକାରର ବିନାଶ ହେବ। ମାନବଠାରେ ଆଶା କରାଯାଉଥିବା ମାନବିକ ମୂଲ୍ୟବୋଧର ସାରାଂଶ ଏତିକି। କେବଳ ପୁସ୍ତକ ସହ ନିବିଡ଼ ପରିଚୟ ଥିଲେ ଆମେ ଶିକ୍ଷିତ ହୋଇ ପାରିବା ନାହିଁ। ପୁସ୍ତକଲବ୍ଧ ଜ୍ଞାନ ଆଜି ପାଇଁ କାଲିକୁ ଓ ପରଦିନକୁ ତାହା ବିରାଗପୂର୍ଣ୍ଣ।

ଶିକ୍ଷାରୁ ମିଳୁଥିବା ଜ୍ଞାନ କର୍ମରେ ରୂପାନ୍ତରିତ ହେବା ଦରକାର। ଶିକ୍ଷାର ଚରମ ଲକ୍ଷ୍ୟ ଚରିତ୍ର। ଚରିତ୍ର ବିନା କୌଣସି ମାନବିକ ମୂଲ୍ୟବୋଧ ଥାଇ ନପାରେ। ଚରିତ୍ର ବିନା ମଣିଷ କୌଣସି ଏକ ଜନ୍ତୁ ବା ପଶୁଠାରୁ ବି ହୀନ। କଥିତ ଅଛି, ଜୀବନର ତିନି ଚତୁର୍ଥାଂଶ ଚରିତ୍ର ଅଟେ। ମାନବ ଜୀବନ ପାଇଛେ ଯେତେବେଳେ, ଚେଷ୍ଟା କରିବା ଓ ଦୈବିତ୍ୱର ବିଭିନ୍ନ ଉପାଦାନକୁ ଗୋଟିଏ ହାତରେ ଧରି ଅନ୍ୟ ହାତରେ ମାନବିକତାର ସାରତତ୍ତ୍ୱକୁ ଆହରଣ କରିବା। ସମସ୍ତ ଧର୍ମର ଶେଷ କଥା, ସମସ୍ତ ମତବାଦର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ସମସ୍ତ ଶାସ୍ତ୍ର ପୁରାଣମାନଙ୍କର ଭକ୍ତି ସେଇ ଗୋଟିଏ କଥା ପ୍ରେମ, କେବଳ ପ୍ରେମ। ନିର୍ମଳ ପ୍ରେମ। ଦେଖିବାକୁ ଗଲେ ଭିନ୍ନ ଭିନ୍ନ ଧର୍ମର ସାରକଥା ପୁଣି ସେଇ ପ୍ରେମ। ସାଇଧର୍ମ ହେଉଛି ଏହି ଭିନ୍ନ ଧର୍ମମାନଙ୍କ ମଧ୍ୟରେ ଥିବା ଏକତ୍ୱ ଯାହା ପ୍ରକୃତ ଧର୍ମ। ଏ କଥା ଜୀବନରେ ଅନୁଭବ କରିବାକୁ ହେବ। ଥରେ ଆମ ଦୈନନ୍ଦିନ ଜୀବନରେ ଏ କଥାଟିକୁ ରୂପ ଦେଇ ପାରିଲେ ଆମ ଜୀବନ ଧନ୍ୟ ହୋଇଯିବ। ଏବଂ ଏକ ଦିବ୍ୟସତ୍ତାର ଦୃଷ୍ଟିଭଙ୍ଗୀ ନେଇ ସମାଜରେ ସେବା କ୍ଷେତ୍ରକୁ ଝାସ ଦିଅ। ସେବା ନକଲେ ଜୀବନ ବ୍ୟର୍ଥ। କେବଳ ଏଇଥିପାଇଁ ଆମକୁ ଏ ମାନବ ଶରୀର ପ୍ରଦାନ କରାଯାଉଛି। 'ପରୋପକାରଂ ମିଦଂ ଶରୀରମ୍'-ଏଇ ଶରୀରକୁ ଲଗାଇ ଦୁଃଖୀ, ଦରିଦ୍ର, ଶୃଙ୍ଖଳିତ, ଅସହାୟ ଓ ନିରାଶ ଲୋକମାନଙ୍କର ସେବା କରିବା। ଆମ ଘରେ ଜୀବନ୍ତ ପିତାମାତା ଆମ ପାଇଁ ଭଗବାନ। ଅଥଚ ଆମେ ସେମାନଙ୍କୁ ସମ୍ମାନ ଯତ୍ନ, ଆଦର ନଦେଇ ମଠ, ମନ୍ଦିର ବା ତୀର୍ଥସ୍ଥାନକୁ ଯାତ୍ରା କରୁଛେ କିନ୍ତୁ ଏହା କ'ଣ ବାସ୍ତବିକ ଜୀବନଧର୍ମ। ଆଜିର ସମୟକୁ ଦେଖନ୍ତୁ ବାପାମାଆ ରୋଗଗ୍ରସ୍ତ ହୋଇଗଲେ ଆମେ ସେମାନଙ୍କ ଯତ୍ନ ଓ ସେବାକୁ ପଛକରି କିପରି ସମ୍ପତ୍ତି ଭାଗବଣ୍ଟା ପାଇବା ବା ତାଙ୍କ ଗଚ୍ଛିତ ଧନ, ଅର୍ଥ କେଉଁଠି ରହିଛି ତାହା ଟିକିନିଖି ବୁଝି ଆତ୍ମସାତ୍ କରିବା ପାଇଁ ଉଦ୍ୟମ କରିଥାଉ। ଏପରି ଆମମାନଙ୍କର ଚରିତ୍ରକୁ ଶତଧିକ୍। ଆସନ୍ତୁ ସମାଜ ପାଇଁ ସେବା କରିବା ଏବଂ ସର୍ବପ୍ରଥମେ ଘରେ ଥିବା ଦେବତା ଓ ଦେବୀ ସମ ଆମ ବାପା-ମାଆଙ୍କ ସେବା ଓ ସମ୍ମାନ କରିବା। ସେମାନଙ୍କ ଆଶୀର୍ବାଦ ଆମ ଗୋଡ଼ରେ କଣ୍ଟାଟିଏ ଲଗାଇଦେବ ନାହିଁ ଏବଂ ଆମର ଉନ୍ନତି ଓ ପ୍ରଗତି ମଧ୍ୟ କରିବ।

*-ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ, ଦୂରଭାଷ: ୯୨୩୮୬୦୨୮୨୫, E-mail : trinath123ojha@gmail.com*




# ଓଡ଼ିଶାରେ ମାତୃଶକ୍ତି ଓ ଦୁର୍ଗାପୂଜା ପରମ୍ପରା

ଡାକ୍ତର ଅର୍ଚ୍ଚନା ମିଶ୍ର

ଭାରତୀୟ ସଂସ୍କୃତିରେ ସର୍ବ ପ୍ରଥମେ ବୈଦିକ ଦୁର୍ଗାସୂତରେ ସୂକ୍ଷ୍ମଦୃଷ୍ଟିରେ ଦୁର୍ଗାଙ୍କର ମହିମା ବର୍ଣ୍ଣିତ । ଏହି ଦୁର୍ଗାସୂତ୍ରର ମନ୍ତ୍ର ପଠନ ଦ୍ୱାରା ସମସ୍ତ ଦୁଃଖ ଦୂରୀଭୂତ ହେବାସହ କୁପ୍ରବୃତ୍ତିର ବିନାଶ ହୋଇଥାଏ । ଉପନିଶଦ ମାନଙ୍କରେ ତୈତ୍ତରୀୟ ଆରଣ୍ୟକର ଯାନ୍ତ୍ରିକ ଉପନିଶଦରେ ପ୍ରଥମେ ଦୁର୍ଗାଙ୍କ ଗାୟତ୍ରୀ ମନ୍ତ୍ର ବିଷୟରେ ସୂଚନା ଦିଆଯାଇଛି । ମହଞ୍ଜୋଦାର ଓ ହରପ୍ପାର ପ୍ରତ୍ନତାତ୍ତ୍ୱିକ ଖନନରୁ ମାତୃଶକ୍ତି ଉପାସନା ସମ୍ବନ୍ଧରେ ଯଥେଷ୍ଟ ପ୍ରମାଣ ମିଳିଛି । ବହୁ ପ୍ରସ୍ତର ନିର୍ମିତ ନାରୀମୂର୍ତ୍ତି, ଦେବୀ ମୂର୍ତ୍ତି ଓ ଚକ୍ରାକାର ପ୍ରସ୍ତର ସମୂହରୁ ସେ ସମୟରେ ମାତୃଶକ୍ତି ଉପାସନା ସମ୍ପର୍କରେ ବହୁ ତଥ୍ୟର ଆଭାସ ମିଳେ । ସେହି ଦ୍ରାବିଡ଼ ସଭ୍ୟତାର ଉନ୍ମେଷ ସମୟରେ ପ୍ରାଚୀନ ଓଡ଼ିଶାର ମୁଖ୍ୟତଃ କଳିଙ୍ଗ, ଉତ୍କଳ ଓ ଉଡ୍ରଦେଶ ପରି ଏହିପରି ତିନିଗୋଟି ଭୂଖଣ୍ଡରେ ବିଭକ୍ତ ଥିଲା । ସାଧାରଣତଃ କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଫୁଲବାଣୀ ଓ ସିଂହଭୂମକୁ ଉଡ୍ରଦେଶ ଭାବେ ବୁଝାଯାଉଥିଲା । ଗଞ୍ଜାମ, କୋରାପୁଟ ଓ ତତ୍କାଳୀନ ସୀମାନ୍ତବର୍ତ୍ତୀ ବିଜୟନଗରମ୍ ଇତ୍ୟାଦି ଅଞ୍ଚଳକୁ କଳିଙ୍ଗ କୁହାଯାଉଥିବାବେଳେ ଅବଶିଷ୍ଟ ଅଞ୍ଚଳକୁ ଉତ୍କଳ କୁହାଯାଉଥିଲା । ଶକ୍ତି ସଙ୍ଗମ ତନ୍ତ୍ରରେ କଳିଙ୍ଗ ଓ ଉତ୍କଳର ନାମଲିପିବଦ୍ଧ ।

ଖ୍ରୀଷ୍ଟ ପୂର୍ବ ତୃତୀୟ ଶତାବ୍ଦୀରୁ ଦ୍ରାବିଡ଼ ସଭ୍ୟତାର ଉନ୍ମେଷ ସମୟରେ ଓଡ଼ିଶାରେ ପ୍ରାଚୀନ ଶବରିତନ୍ତ୍ର ଅନୁଯାୟୀ ମାତୃଶକ୍ତି ଉପାସନା ଆରମ୍ଭ ହୋଇଥିଲା । କିମ୍ବଦନ୍ତୀରୁ ଜଣାଯାଏ ଯେ ଏହି



ଉଡ୍ରଦେଶରେ ଏହି ପ୍ରାଚୀନ ଶବରୀତନ୍ତ୍ର ମତରେ ଶବର ରାଜା ବିଶ୍ୱାବସୁ ନୀଳମାଧବଙ୍କୁ ପୂଜା କରୁଥିଲେ ଓ ଶବରୀ କନ୍ୟା ଲଳିତା ଥିଲେ ତାଙ୍କ ସହାୟିକା । ଶବରୀତନ୍ତ୍ରରେ ଯେଉଁ ପତ୍ରମାଳିନୀ ବନଦେବୀଙ୍କୁ ପ୍ରାଚୀନ ଉତ୍କଳରେ ଉପାସନା କରାଯାଉଥିଲା ପରବର୍ତ୍ତୀ ପୁରାଣ ଓ ତନ୍ତ୍ର ଯୁଗରେ ସେହି ଦେବୀଙ୍କୁ ବନଦୁର୍ଗାରୂପେ ଉପାସନା କରାଯାଇଥିଲା । ଯାହାପାଇଁ ପ୍ରାଚୀନ ପତ୍ରମାଳିନୀ ଦେବୀଙ୍କ ପରିବର୍ତ୍ତେ ଦ୍ୱିଭୂଜା, ଚର୍ତୁଭୂଜା ଓ ଅଷ୍ଟଭୂଜା ପ୍ରଭୃତି ଦେବୀ ମୂର୍ତ୍ତିଙ୍କର ରୂପ ଓ ଆୟୁଧ କଳ୍ପନା କରାଯାଇଥିଲା । ଏଣୁ ଶବରୀତନ୍ତ୍ରର ବନଦେବୀ ହିଁ ଓଡ଼ିଶାର ପ୍ରାଚୀନ ବନଦୁର୍ଗା ରୂପେ ପ୍ରଥମେ ଆର୍ବିଭୂତା ହୋଇଥିଲେ । ଓଡ଼ିଶାର ପୁରପଲ୍ଲୀରେ ବନଦୁର୍ଗାଙ୍କୁ ପ୍ରସ୍ତର ବା କାଷ୍ଠସ୍ତମ୍ଭରେ ଉପଲବ୍ଧି କରାଯାଇ ସ୍ତମ୍ଭେଶ୍ୱରୀ ରୂପେ ଗ୍ରାମଦେବୀ ଉପାସନା ବହୁଳ ଭାବରେ ପ୍ରଚଳିତ ହୋଇଥିଲା । ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟର ଆରମ୍ଭରେ ଯେଉଁ ଦିଅଁ ମଙ୍ଗୁଳା କରାଯାଏ ତାହା ହିଁ ସର୍ବପ୍ରାଚୀନ ଦୁର୍ଗାପୂଜା ବା ଦେବୀପୂଜା ରୂପେ ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ଗୃହୀତ ହୋଇଛି । ଗ୍ରାମଦେବୀ ହିଁ ବନଦୁର୍ଗାଙ୍କ ସ୍ୱରୂପରେ ଉପାସିତା । ବୌଦ୍ଧ ସିଧାଚାର୍ଯ୍ୟମାନଙ୍କ ସାହିତ୍ୟରେ ଶବରସିଦ୍ଧାଚାର୍ଯ୍ୟ, ସରହପା ଓ ସରରୀପା ପ୍ରଭୃତି ନାମର ଉଲ୍ଲେଖ ରହିଛି । ସେ ସମୟରେ ବ୍ରାହ୍ମଣ୍ୟତନ୍ତ୍ର ମୁଖ୍ୟତଃ ମାତୃରୂପୀ ଗାୟତ୍ରୀ ଶକ୍ତିଙ୍କର ଆବାହନା କରି ବୈଦିକ ମାର୍ଗରେ ବ୍ରହ୍ମଶକ୍ତିଙ୍କର ଉପାସନା ପାଇଁ ଉଦ୍ଦିଷ୍ଟ ଥିଲା । ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ ସପ୍ତଶତୀ ଶ୍ରୀଚଣ୍ଡୀ ମହାତ୍ମ୍ୟର ପୃଷ୍ଠଭୂମିରେ ବ୍ରାହ୍ମଣତନ୍ତ୍ରର ସର୍ବପ୍ରାଚୀନ ମହୀଷାମର୍ଦ୍ଦିନୀ ଦୁର୍ଗା ରୂପେ ଯାଜପୁର ଠାରେ ବିରଜାଙ୍କର ଆର୍ବିଭାବ ହୋଇଥିଲା । ଓଡ଼ିଶାରେ ସର୍ବପ୍ରଥମ ଦ୍ୱିଭୂଜା ମହିଷାମର୍ଦ୍ଦିନୀ ଦୁର୍ଗାରୂପେ ବିରଜାଙ୍କୁ ଗ୍ରହଣ କରାଯାଏ ।

ଓଡ଼ିଶାରେ ବ୍ରାହ୍ମଣ୍ୟତନ୍ତ୍ରର ପ୍ରଭାବ ଫଳରେ ଗୁପ୍ତଯୁଗର ଦଶମହାବିଦ୍ୟା ତତ୍ତ୍ୱର ଅନୁକରଣରେ ଦୁର୍ଗାଙ୍କର ଦଶବିଧ ମୌଳିକ ରୂପକୁ ନେଇ ଶାକ୍ତମାନେ କୌଳାଚାର ମତ ପ୍ରବର୍ତ୍ତନ କରିଥିଲେ । ପ୍ରତ୍ୟେକ ମହାବିଦ୍ୟା କେତେକ ନିର୍ଦ୍ଦିଷ୍ଟ ପଦ୍ଧତି, ପୁବନ, ବର୍ଣ୍ଣ, ପଦ, ଶବ୍ଦ, ମନ୍ତ୍ର, ଯନ୍ତ୍ର, ପଟଳ, କବଚ, କୀଳକ, ସ୍ତୋତ୍ର ଓ ହୃଦୟ ମାଧ୍ୟମରେ ଦେବୀଙ୍କୁ ଉପାସନା କରିବା ପାଇଁ ପ୍ରବର୍ତ୍ତିତ ହୋଇଥିଲା । ଏହା କୁଳ କୁଣ୍ଡଳିନୀ ଶକ୍ତି ଜାଗରଣ ପାଇଁ ଏକ ବଳିଷ୍ଠ ମାଧ୍ୟମ ଥିଲା । ନାଦ, ବିନ୍ଦୁ ରୂପେ ଶିବ ଓ ଶକ୍ତିଙ୍କୁ ସାଧନାରେ ଉପଲବ୍ଧି କରି ସିଦ୍ଧି ଲାଭ କରାଯାଇଥାଏ । ସ୍ୱର ଓ ବ୍ୟଞ୍ଜନ ଅକ୍ଷରକୁ ମାତୃକା ରୂପେ ଗ୍ରହଣ କରି ବିଭିନ୍ନ ଚକ୍ରରେ ସେହି ଶକ୍ତିଙ୍କୁ ଜାଗ୍ରତ କରିବା ଦ୍ୱାରା କୁଣ୍ଡଳିନୀ ଶକ୍ତି ପ୍ରକାଶିତ ହୋଇଥାନ୍ତି । ଏହି କୌଳାଚାରପୂଜା ଦ୍ୱାରା ସମଗ୍ର ବିଶ୍ୱକୁ ଶ୍ରୀ ଚକ୍ର ମଧ୍ୟରେ ଅନୁଭବ କରାଯାଏ । ସପ୍ତମ ଶତାବ୍ଦୀ ବେଳକୁ ପ୍ରାଚୀନ ଓଡ଼ିଶାରେ ମାତୃଶକ୍ତି ପରମ୍ପରାର ବ୍ୟାପକତା ବୃଦ୍ଧି ପାଇଥିଲା । ପୌରାଣିକ ଦୁର୍ଗାଙ୍କୁ 'ଶ୍ରୀ ଶ୍ରୀ ଚଣ୍ଡୀ' ପୁରାଣରେ ଯେଉଁ ସବୁ ରୂପ, ମୂର୍ତ୍ତିକଳ୍ପନା ଓ ଆୟୁଧ ସହିତ ବର୍ଣ୍ଣନା କରାଯାଇଥିଲା, ଭୌମକର ରାଜବଂଶର କୀର୍ତ୍ତିଗୁଡ଼ିକରେ ତାହାକୁ ସର୍ବ ପ୍ରଥମେ ବିଭିନ୍ନ ମନ୍ଦିର ମଧ୍ୟରେ ଓ ମନ୍ଦିର ବାହାରେ ଜୀବନ୍ତ ଭାବରେ ରୂପାୟିତ କରାଯାଇଥିଲା । ବାସ୍ତବରେ ତୈତିରୀୟ ଉପନିଷଦରେ ବର୍ଣ୍ଣିତ 'ଦୁର୍ଗୀ' କିମ୍ବା 'ଶ୍ରୀ ଶ୍ରୀ ଚଣ୍ଡୀ'ରେ ବର୍ଣ୍ଣିତ ଚାମୁଣ୍ଡା, ସପ୍ତମାତୃକା, ନବଦୁର୍ଗା କିମ୍ବା ଶବରୀତନ୍ତ୍ରର 'ବନଦୁର୍ଗା'ଙ୍କୁ ଏହି ସପ୍ତମ/ଅଷ୍ଟମ ଶତାବ୍ଦୀରେ ଓଡ଼ିଶାରେ ବିଭିନ୍ନ ଶକ୍ତିପୀଠ, ସହର, ଗ୍ରାମ ପ୍ରଭୃତିରେ ବହୁଳ ଭାବରେ ପ୍ରତିଷ୍ଠା କରାଯାଇଥିଲା । ଅବଶ୍ୟ ସେତେବେଳକୁ ଯାଜପୁରର ବିରଜା ଓ ପୁରୀର ବିମଳା ମୁଖ୍ୟ ଶକ୍ତି ରୂପେ ଉପାସିତା ହୋଇସାରିଥିଲେ । କିନ୍ତୁ ଦୁର୍ଗାପୂଜାର କ୍ରମବିକାଶରେ ଏହି ଭୌମକର ରାଜବଂଶର ଶକ୍ତି ଉପାସକ ରାଜା ଓ କେତେକ ରାଣୀମାନଙ୍କର ଅବଦାନ ଅବିସ୍ମରଣୀୟ ।

ସହକାରୀ ପ୍ରଫେସର, ଶରୀରତତ୍ତ୍ୱ ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୮୨୪୯୭୯୯୯୦୬

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି । ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତ୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି । ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି । ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି । ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କଣ୍ଟିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାତୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେଣ୍ଟାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢ଼େଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢ଼େଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୁଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି ।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ରଙ୍ଗଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲାପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଟସ୍ଥ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି ।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତ୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପକ୍ଷ ବୁଝାମଣାରେ ନିଷ୍ପତି ନିଆଯିବ ।

# ଗାନ୍ଧୀ ଜୟନ୍ତୀ ଅବସରରେ ସୁବର୍ଣ୍ଣପୁର ଏସପିଙ୍କ ନେତୃତ୍ୱରେ ପଲିଥିନ ମୁକ୍ତ ଅଭିଯାନ

ସୁବର୍ଣ୍ଣପୁର, (ପି.ଏନ): ଗାନ୍ଧୀ ଜୟନ୍ତୀ ଅବସରରେ ସୁବର୍ଣ୍ଣପୁର ଏସପି ଅମରେଶ ପଣ୍ଡାଙ୍କ ନେତୃତ୍ୱରେ ସ୍ୱଚ୍ଛ ଭାରତ ସଂଗଠନ, ସୋନପୁର କଲେଜ ଏନସିସିର ମିଳିତ ସହଯୋଗରେ ସ୍ଥାନୀୟ ଅଧିଷ୍ଠାତ୍ରୀ ଦେବୀ ମା ସୁରେଶ୍ୱରୀଙ୍କ ମନ୍ଦିର ଓ ଚର୍ତୁପାର୍ଶ୍ୱରେ ସଫେଇ ଓ ପଲିଥିନ ମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଥିଲା । ସ୍ୱଚ୍ଛ ଭାରତ କୋ-ଡିନେଟର ମନୋରଞ୍ଜନ ତ୍ରିପାଠୀ ଓ ଏନସିସି ଲେଫ୍ଟନେଂଟ ଆଶିଷ ଆଗ୍ରୱାଲାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଏସପି ଶ୍ରୀ ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗଦେଇ ନିଜେ ସ୍ୱେଚ୍ଛାସେବୀଙ୍କ ସହିତ ଅଳିଆ ଗଦାରୁ ପଲିଥିନ ଗୋଟାଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ ଏବଂ ସାଧାରଣ ଜନତାଙ୍କୁ ସ୍ୱଚ୍ଛ ପରିବେଶ ସଚେତନତା ବାର୍ତା ଦେଇଥିଲେ । ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛ ଭାରତ ସ୍ୱପ୍ନକୁ ପୁରା କରିବାକୁ ଓ ସୁସ୍ଥ ପରିବେଶ, ସୁସ୍ଥ ସମାଜ ଗଢିବାକୁ ଆହ୍ୱାନ କରି ସହଯୋଗର ହାତ ବଢ଼ାଇବାକୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତର ଉଦ୍ୟୋକ୍ତା ସୟଦ ଅଲିମୁଲ ଇସଲାମ, ଗରିବ ଲୋଇ, ଇନ୍ଦୁମତି ପୁରୋହିତ, ରାମଚନ୍ଦ୍ର ଅଗ୍ରୱାଲା, ପ୍ରମୋଦ ସାହୁ, ପ୍ରହଲ୍ଲାଦ ମିଶ୍ର, ମନୋଜ ପଣ୍ଡା, ପ୍ରତାପ ଦାଶ, ତାରଣୀ ମେହେର, ନାରାୟଣ ରଥ, କ୍ରିଷ୍ଣା ମେହେର, ଜୟନ୍ତ ବେହେରା, ତ୍ରିଲୋଚନ ତରିଆ, ଡା, ସରୋଜ ପଟେଲ, ସୁଶାନ୍ତ ସାହୁ, ସଂଗୀତା ନାଏକ, ଶାଶ୍ୱତ ପାଣିଗ୍ରାହୀ, ଏନ ସି ସି ଛାତ୍ର ସୁଶୀଲ, ତିରୋମଣି, ବିଘ୍ନେଶ୍ୱର, ଲୋକନାଥ, ଉଜ୍ୱଳ, ପ୍ରମୁଖ ଉଭୟ ସଂଗଠନର ଅନେକ ସଭ୍ୟ ଯୋଗ ଦେଇଥିଲେ । ପରେ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ଗାନ୍ଧୀ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ ।




## 'ସତ୍ୟ ଓ ଅହିଂସା ନୀତି ମହାତ୍ମା ଗାନ୍ଧୀଙ୍କୁ ଅମର କରି ରଖିଛି'



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ମିର୍ଜାପୁର ପଂଚାୟତ ଅନ୍ତର୍ଗତ ଅରଙ୍ଗାବାଦ ଗ୍ରାମରେ ବନ୍ଦେଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି । ଯୁବ ସଂଗଠକ ରଣଜିତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧର୍ମଶାଳାର ପୂର୍ବତନ ବିଧାୟକ ତଥା ଖଦିବୋର୍ଡ ନିର୍ଦ୍ଦେଶକ ରବି ଲାବଣ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସତ୍ୟ ଓ ଅହିଂସା ନୀତି ମହାତ୍ମା ଗାନ୍ଧୀଙ୍କୁ ଅମର କରି ରଖିଛି ବୋଲି କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବିଧାନର ମୁଖବନ୍ଧରେ ଅହିଂସାକୁ ସ୍ଥାନ ଦେବାପାଇଁ କରିଥିବା ଦାବିକୁ କେନ୍ଦ୍ର ସରକାର ତୁରନ୍ତ କାର୍ଯ୍ୟକାରୀ କରିବାକୁ ଶ୍ରୀ ଲାବଣ୍ୟ ଦାବୀ କରିଥିଲେ । ପ୍ରାରମ୍ଭରେ ମହାତ୍ମାଗାନ୍ଧୀ ଏବଂ ଲାଲବାହାଦୁର ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଶିବପ୍ରସାଦ ସାହ, ଅନୁବ୍ରତ ସାହୁ, ରବିନ୍ଦ୍ର ସାହୁ, ରାମଚନ୍ଦ୍ର ରଣା, ଚକ୍ରଧର ସାହୁ, ହେମନ୍ତ ଜେନା, ଶ୍ରୀକାନ୍ତ ବାରିକ, ଅଶୋକ ମଲ୍ଲିକ, ପ୍ରଭାତ ସାହୁ, ଜୟପ୍ରକାଶ ସାହୁ, ଜ୍ଞାନରଂଜନ ଜେନା, ରଜତ ସାହୁ, ସୁକାନ୍ତ ସାହୁ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ବିନୋଦ ବିହାରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଧର୍ମଶାଳା ବିଜେଡ଼ିର ଜନସଂପର୍କ ପଦଯାତ୍ରା



ଧର୍ମଶାଳା (ପିଏନ୍): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ଅକ୍ଟୋବର ୨ ତାରିଖରୁ ହୋଇଥିବା ଜନ ସମ୍ପର୍କ ପଦଯାତ୍ରା ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ବିଧାୟକ ଶ୍ରୀଯୁକ୍ତ ପ୍ରଣବ କୁମାର ବଳବନ୍ତରାୟଙ୍କ ନେତୃତ୍ୱରେ ମିର୍ଜାପୁର ଗ୍ରାମ ପଞ୍ଚାୟତ ଠାରୁ ଆରମ୍ଭ ହୋଇ ପାଟପୁର ଗ୍ରାମ ପଞ୍ଚାୟତ ଓ ବଡକାଏମା ଗ୍ରାମ ପଞ୍ଚାୟତର ଡେରାବରଠାରେ ଶେଷ ହୋଇଥିଲା । ଏହି ପଦଯାତ୍ରା ସକାଳ ୮ ଘଟିକା ୧୫ ମିନିଟରେ ଆରମ୍ଭ ହୋଇ ୧୦ ଟା ୩୦ ମିନିଟରେ ଶେଷ ହୋଇଥିଲା । ଏହି ପଦଯାତ୍ରା ପାଖାପାଖି ୭ କିଲୋମିଟର ପର୍ଯ୍ୟନ୍ତ ବିଧାୟକଙ୍କ ସାଙ୍ଗରେ ହଜାର ହଜାର ଲୋକ ସାମିଲ ହୋଇ ଚାଲି ଚାଲି ଯାଇଥିଲେ । ଗାଁରେ ଚାଲିବା ସମୟରେ ଲୋକମାନଙ୍କର ସୁବିଧା ଅସୁବିଧା ମାନ୍ୟବର ବିଧାୟକ ପଚାରି ବୁଝିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ, ଯାଜପୁର, ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ, ଧର୍ମଶାଳା ବ୍ଲକ୍ ସଭାପତି, ୬ଗୋଟି ଜୋନ୍‌ର ସମସ୍ତ ଜିଲ୍ଲାପରିଷଦ ସଭ୍ୟ/ସଭ୍ୟା, ବିଜେଡି ଯୁବ, ଛାତ୍ର, ମହିଳା, ଗାର୍ଲସ ୱିଙ୍ଗ୍‌ର ସମସ୍ତ ସଭାପତି ଏବଂ ୫୪ଗୋଟି ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତିସଭ୍ୟ/ସଭ୍ୟା, ଜିଲ୍ଲା, ବ୍ଲକ୍ କର୍ମକର୍ତ୍ତା ଓ ବିଭିନ୍ନ ପଞ୍ଚାୟତରୁ ଆସିଥିବା କର୍ମୀମାନେ ଏଥିରେ ସାମିଲ ହୋଇ ପଦଯାତ୍ରାକୁ ସଫଳ କରାଇଥିଲେ ।

## ମଧୁବାବୁ ପେନସନ ଯୋଜନାରେ ୫୨୯ଜଣ ନୂତନ ହିତାଧିକାରୀଙ୍କୁ ଭତା ବଂଟନ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅଧିନ ୪୩ ଗୋଟି ପଂଚାୟତର ୫୨୯ଜଣ ବୃଦ୍ଧ, ବିଧବା ଓ ଅକର୍ମଣ୍ୟଙ୍କୁ ମଧୁବାବୁ ଯୋଜନାରେ ଧର୍ମଶାଳା ବିଧାୟକ ଭତା ବଂଟନ କରିଛନ୍ତି । ଭତା ବଂଟନ କାର୍ଯ୍ୟକ୍ରମରେ ବିଡିଓ ଦେବେନ୍ଦ୍ର ପ୍ରାସଦ ବଳ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ମଧୁବାବୁ ଯୋଜନାରେ ୧୩୨ଜଣ ଭିନ୍ନକ୍ଷମ, ୨୭୨ଜଣ ବିଧବା ଓ ୧୨୫ଜଣ ବୃଦ୍ଧ ଓ ବୃଦ୍ଧାଙ୍କୁ ୬ ଲକ୍ଷ ୯୨ହଜାର ୫ଶହ ଟଙ୍କା ପ୍ରଦାନ କରାଯାଇଥିଲା । ଏଥିରେ ୪୨୭ ଜଣଙ୍କୁ ୩ ମାସର ୧୫ଶହ ଲେଖାଏଁ ଓ ୧୦୨ଜଣଙ୍କୁ ଏକମାସର ୫ଶହ ଲେଖାଏଁ ଟଙ୍କା ସହ ପାସବୁକ ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଏବିଡିଓ ଅସିତ କୁମାର ପାତ୍ର, ଡିଏସଏସଓ ଜ୍ଞାନରଂଜନ ବେହେରା ପ୍ରମୁଖ ମଧୁବାବୁ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ପୃକ୍ତ ପଂଚାୟତର ସରପଂଚ, ସମିତିସଭ୍ୟା/ସଭ୍ୟ ଓ ପିଇଓମାନେ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ସହାୟତା କରିଥିଲେ ।

## ଚକ୍ରଧରପୁର ସମିତିସଭ୍ୟ ଉପନିର୍ବାଚନ ତାରିଖ ଘୋଷଣା

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚକ୍ରଧରପୁର ପଂଚାୟତରେ ସମିତିସଭ୍ୟ ପାଇଁ ଉପନିର୍ବାଚନ ଆସନ୍ତା ନଭେମ୍ବର ୪ ତାରିଖ ଘୋଷଣା କରାଯାଇଛି । ସୂଚନା ଅନୁଯାୟୀ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ୨ ଗୋଟି କୁମରୀ ଓ ଚକ୍ରଧରପୁର ପଂଚାୟତରେ ସମିତିସଭ୍ୟ ଭାବେ ପ୍ରାର୍ଥୀ ହୋଇ ବିଜୟଲାଭ କରିଥିଲେ । ପରେ ସେ ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇ ଚକ୍ରଧରପୁର ପଂଚାୟତର ସମିତିସଭ୍ୟ ପଦରୁ ଇସ୍ତଫା ଦେଇଥିଲେ । ଏହି ଆସନଟି ଖାଲିପଡିଥିବା ବେଳେ ଏଠାରେ ଆସନ୍ତା ୪ ତାରିଖରେ ନିର୍ବାଚନ କରିବାକୁ ରାଜ୍ୟ ନିର୍ବାଚନ କମିସନର ପତ୍ର ସଂଖ୍ୟା ୮୪୫୯ ତା ୨୮/୯/୨୨ରେ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ବ୍ଲକ ପକ୍ଷରୁ ଗତ ୬ ତାରିଖରେ ନାମାଙ୍କନ ଦାଖଲ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଆଶାୟୀ ପ୍ରାର୍ଥୀମାନେ ଆସନ୍ତା ୧୦ରୁ ୧୨ ତାରିଖ ମଧ୍ୟରେ ବ୍ଲକ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିପାରିବେ । ଆସନ୍ତା ୧୩ ତାରିଖରେ ପ୍ରାର୍ଥୀପତ୍ର ଯାଂଚ ଓ ୧୫ ତାରିଖରେ ନାମାଙ୍କନ ପ୍ରତ୍ୟାହାର ତାରିଖ ନିର୍ଦ୍ଧାରଣ କରାଯାଇଛି । ଅବଶ୍ୟକ ହେଲେ ଆସନ୍ତା ନଭେମ୍ବର ୪ ତାରିଖରେ ନିର୍ବାଚନ ହେବା ସହ ୫ ତାରିଖରେ ଫଳାଫଳ ଘୋଷଣା କରାଯିବ । ସେହିପରି ଏହି ବ୍ଲକ ଅନ୍ତର୍ଗତ ପଟୁଣିଆ ପଂଚାୟତ ୫ ନମ୍ବର ୱାର୍ଡ ସଭ୍ୟା ପାଇଁ ନଭେମ୍ବର ୪ ତାରିଖରେ ଉପନିର୍ବାଚନ ହେବ । ଏହି ୱାର୍ଡ ସଭ୍ୟା ବେବିନା ଦଳେଇଙ୍କ ମୃତ୍ୟୁ ପରେ ଏହି ସଭ୍ୟ ପଦବୀ ଖାଲି ପଡିଥିଲା । ଏନେଇ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସୂଚନା ଦେଇଛନ୍ତି ।

# ଶକ୍ତିରୂପିଣୀ ଦୁର୍ଗାଦେବୀ



ଭାରତୀୟ ଋତୁ ଚକ୍ରରେ ଶରତର ସ୍ଥାନ ତୃତୀୟ । କାସତଣ୍ଡିର ହସ, ଧବଳ ଜ୍ୟୋତ୍ସ୍ନାର ପ୍ରକାଶ, ସବୁଜ ଶସ୍ୟଶ୍ରୀର ସରସ ମାଧୁରୀ ଘେନି ବସୁନ୍ଧରା ଯେତେବେଳେ ଶରତ ସ୍ୱଚ୍ଛ ଜଳ ଦର୍ପଣରେ ନିର୍ମଳ ଚନ୍ଦ୍ରମଣ୍ଡଳର ବିମଳ ପ୍ରତିବିମ୍ବ ଅବଲୋଚନ କରନ୍ତି, ସେତେବେଳେ ସେହି ଆଶ୍ୱିନ ମାସ ଶୁକ୍ଳପକ୍ଷରେ ଭାରତବର୍ଷର ପ୍ରତି ପୁରପଲ୍ଲି, ନଗର ଓ ଜନପଦରେ ଶାରଦୀୟ ଦଶହରା ଉତ୍ସବ ମହାସମାରେହରେ ଅନୁଷ୍ଠିତ ହୁଏ । ଆଦ୍ୟାଶକ୍ତି ଦେବୀଦୁର୍ଗାଙ୍କର ଆରାଧନା ଏହି ତିଥିରେ କରାଯାଉଥିବାରୁ ଏହାର ଅନ୍ୟନାମ ଦୁର୍ଗାପୂଜା । ଆମ୍ଭେମାନେ ତିନୋଟି ଦଶହରା ପାଳନ କରୁଥାଉ । ଜ୍ୟେଷ୍ଠମାସ ଶୁକ୍ଳ ଦଶମୀ ଦିନ ଗଙ୍ଗା ଜୟନ୍ତୀ (ଗଙ୍ଗା ଦଶହରା), ବସନ୍ତ ଋତୁରେ ବାସନ୍ତୀୟ ଦୁର୍ଗାପୂଜା ବା ବାସନ୍ତୀ ଦଶହରା, ଏହି ବାସନ୍ତୀୟ ଦୁର୍ଗାପୂଜା ଠାରୁ ଶାରଦୀୟ ଦୁର୍ଗା ପୂଜାର ପ୍ରସାର ଅଧିକ ପରିଲକ୍ଷିତ ହୁଏ । ଆର୍ଯ୍ୟମାନଙ୍କର ଏହି ବିଜୟ ପର୍ବ ଅନାଦିକାଳରୁ ଜନତାଙ୍କ ମଧ୍ୟରେ ଶକ୍ତି ଆରାଧନାର ପ୍ରେରଣା ପ୍ରଦାନ କରି ଆସୁଛି । ଏହି ଶକ୍ତି ଆରାଧନାର କେତେଗୁଡ଼ିଏ ପୌରାଣିକ କାହାଣୀ ରହିଛି । ମହିଷାସୁର ରାକ୍ଷାସର ଅତ୍ୟାଚାରରେ ଇହଲୋକ ଓ ଦେବଲୋକ ତ୍ରାହି ତ୍ରାହି ଡ଼ାକ ଛାଡ଼ିଲେ । ଜଗତର ମଙ୍ଗଳ ନିମନ୍ତେ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କର କ୍ରୋଧାଗ୍ନିରୁ ଏକ ତେଜସ୍ୱିନୀ ଶକ୍ତିର ଆବିର୍ଭାବ ହେଲା । ସେହି ଶକ୍ତିସ୍ୱରୂପଣୀ ଦେବୀ ଦେବତାଙ୍କୁ ଦୁର୍ଗତିରୁ ରକ୍ଷାକରୁଥିବାରୁ ସେ ଦୁର୍ଗା ବୋଲାଇଲେ । ନବଦିନ ପର୍ଯ୍ୟନ୍ତ ଦେବୀ ଅସୁର ସହିତ ସଂଘର୍ଷରତ ରହି ଦଶମୀ ଦିନ ମହିଷାସୁରଙ୍କୁ ବିନାଶ କରି ବିଜୟଲାଭ କରିଥିଲେ । ସେହିଦିନ ଠାରୁ ଇହଲୋକ ଓ ଦେବଲୋକ ମା' ଦୁର୍ଗାଙ୍କର ଆରାଧନା କରୁଛନ୍ତି ।



ଗିରିରାଜ କନ୍ୟା ଉମା ଆଶ୍ୱିନ ମାସ ଶୁକ୍ଳପକ୍ଷରେ ଶିବଙ୍କ ନିବାସ କୈଳାସ ପର୍ବତରୁ ପିତୃଗୃହକୁ ଆଗମନ କରନ୍ତି । ଜଗଜ୍ଜନନୀଙ୍କର ଆଗମନରେ ପ୍ରକୃତି ହସି ଉଠେ । ଧରାବକ୍ଷରେ ଶରତ । ଦିଗେ ଦିଗେ ଶାରଦୀୟ ଶୁଭ୍ର ଶୋଭା ଶରତ ସ୍ୱଚ୍ଛ ସରୋବରର ଢ଼େଉରେ ହଂସ ଓ କାରଣ୍ଡକ । ମହାପୂଜାର ଆୟୋଜନ କରନ୍ତି ଧରାବାସୀ । ଦେବୀ ଜଗତବାସୀଙ୍କଠାରୁ ପୂଜା ଗ୍ରହଣ କରି ବିଜୟା ଦଶମୀରେ ପିତ୍ରାଳୟକୁ ପ୍ରତ୍ୟାଗମନ କରନ୍ତି ।

ରାବଣ ନିଧନ ନିମିତ ରଘୁକୁଳ ତିଳକ ରାମଚନ୍ଦ୍ର ଦୁର୍ଗାଙ୍କର ଆରାଧନା କରି ଦଶମୀ ତିଥିରେ ବିଜୟ ଲାଭ କରିଥିଲେ । ଏଣୁ ଆଶ୍ୱିନ ଶୁକ୍ଳ ଦଶମୀ 'ବିଜୟା ଦଶମୀ' ନାମରେ ଖ୍ୟାତ । ଆଶ୍ୱିନ ମାସରେ ରାଜା ସୁରଥ ଦୁର୍ଗାଙ୍କର ଆରାଧନା କରି ରାଜ୍ୟଲାଭ କରିଥିଲେ । ଏତଦ୍‌ବ୍ୟତୀତ ବିଜୟା ଦଶମୀ ପାଳନର ଆଉ ଦୁଇଟି କାହାଣୀ ମହାଭାରତରେ ବର୍ଣ୍ଣିତ, ଅର୍ଜ୍ଜୁନ ବିରାଟ ରାଜାଙ୍କର ଗୋବସ୍ତାହରଣକୁ ପ୍ରତିହତ କରିଥିଲେ । କୌରବମାନଙ୍କୁ ପରାସ୍ତ କରିବା ଦିନ ଥିଲା ଆଶ୍ୱିନ ଶୁକ୍ଳ ଦଶମୀ । ଏହି ବିଜୟର ସ୍ମୃତିରେ ବିରାଟ ରାଜା ବିଜୟୋତ୍ସବର ଆୟୋଜନ କରିଥିଲେ । ଶ୍ରୀକୃଷ୍ଣଙ୍କ ଉପଦେଶରେ ଅର୍ଜ୍ଜୁନ ମହାଭାରତ ଯୁଦ୍ଧର ଅବ୍ୟବହିତ ପୂର୍ବରୁ ଆଶ୍ୱିନ ଶୁକ୍ଳ ଦଶମୀରେ ବିଜୟଲାଭ ନିମିତ ଦୁର୍ଗାଙ୍କର ଆରାଧନା କରିଥିଲେ ।

ବହୁ ପ୍ରାଚୀନ କାଳରୁ ଷୋଡ଼ଶଦିନାତ୍ମକ ଦୁର୍ଗାପୂଜା ଦେବୀପୀଠମାନଙ୍କରେ ହୋଇଆସୁଅଛି । ଗାଁଗହଳି ତଥା ବିଭିନ୍ନ ସହରରେ ଦେବୀମନ୍ଦିରରେ ନବଦିବସ ପଂଚଦିବସ ଓ ତ୍ରିଦିବସୀୟ ଦୁର୍ଗାପୂଜାର ପ୍ରଚଳନ ଅଛି । ଦୁର୍ଗାପୂଜା ଅବସରରେ ଦେବୀଙ୍କ ନିକଟରେ ବଳିର ପ୍ରଥା ପ୍ରଚଳନ ଥିଲା । ଜନସଚେତନତା ଫଳରେ ବଳିପ୍ରଥା ପ୍ରାୟ ବନ୍ଦ ହୋଇ ଯାଇଛି । ନବଦିବସ ପୂଜାରେ ୩ ଦିନ ମହାଲକ୍ଷ୍ମୀ, ୩ ଦିନ ମହାକାଳୀ ଓ ୩ ଦିନ ମହାସରସ୍ୱତୀ ରୂପେ ଦୁର୍ଗାଙ୍କର ପୂଜା ହୁଏ । ନବଦିନ 'ମା' ନଅଟି ନାମରେ ପୂଜା ହୋଇଥାଆନ୍ତି, ଯଥା- ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଖଣ୍ଡା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧଦାତ୍ରୀ ।

ଭଗବାନ ଲୀଳାପୁରୁଷ ହୋଇ ଦଶ ଅବତାର ଧାରଣ କରିଥିଲେ । ସେହିପରି ଈଶ୍ୱର ବା ଶିବଙ୍କର ଦଶଟି ସ୍ୱରୂପ ରହିଛି । ଦଶଭୂଜା ଦୁର୍ଗା ଦଶ ମହାବିଦ୍ୟା ରୂପେ ଦଶଟି ଭୈରବୀ ରୂପେ ପୂଜା ପାଆନ୍ତି । ଶିବ ଓ ଶିବାଙ୍କ ଦଶ ରୂପ ଯଥା- ମହାକାଳ-ମହାକାଳୀ, ତାରକ (ତାରକେଶ୍ୱର)-ତାରା ଦେବୀ, ଭୂବନେଶ୍ୱର- ଭୂବନେଶ୍ୱରୀ, ଷୋଡ଼ଶ ଶ୍ରୀବିଦ୍ୟେଷ-ଷୋଡ଼ଶୀ, ଭୈରବ-ଭୈରବୀ, ଛିନ୍ନମସ୍ତକ-ଛିନ୍ନମସ୍ତା, ଧୂମ୍ରବର୍ଣ୍ଣ-ଧୂମାବତୀ, ବଗଳମୁଖ- ବଗଳାମୁଖୀ, ମାତଙ୍ଗ-ମାତଙ୍ଗୀ, କମଳ-କମଳା, ଦଶରୂପରେ ଦଶଦୁର୍ଗାଙ୍କୁ ପୂଜା କଲେ ମନୁଷ୍ୟର ଦଶ ଦୋଷ ବା ଦଶପାପ ହରଣ ହୋଇଥାଏ । ଏହି ପାପଗୁଡ଼ିକ ହେଉଛି ଚୌର୍ଯ୍ୟ, ହିଂସା, ପରଦାରାଗମନ, ମିଥ୍ୟାବାଦିତା, କପଟାଚରଣ, ଅପହରଣ ଚିନ୍ତା, ପ୍ରଳାପ, ଲୋଭ, ପର ଅନିଷ୍ଟ, ବାକ୍ୟବାଣ ପ୍ରୟୋଗ, ଦଶ ଦୋଷ ହରଣ ହୁଏ ବୋଲି ଏହି ଉତ୍ସବକୁ 'ଦଶହରା' କହନ୍ତି । ରାଜସ୍ଥାନରେ ରାଜା, ମହାରାଜା ଓ ଜମିଦାରମାନେ ସବାରି ପାଲିଙ୍କିରେ ପରିଭ୍ରମଣ କରନ୍ତି । ଏହି ଦିନ ଶସ୍ତ୍ରଧାରୀମାନେ ଅସ୍ତ୍ରଶସ୍ତ୍ର ପୂଜା କରନ୍ତି । ଗୁଜୁରାଟରେ ନୃତ୍ୟଗୀତ ସହ ଦେବୀ ପୂଜାର ବ୍ୟବସ୍ଥା ହୋଇଥାଏ, ବହୁସ୍ଥାନରେ ମେଳାର ଅୟୋଜନ ହୋଇଥାଏ । ପଶ୍ଚିମବଙ୍ଗର ଶାରଦୀୟ ଦୁର୍ଗା ପୂଜା ଭାରତ ପ୍ରସିଦ୍ଧ । ଓଡ଼ିଶାର ଏକମାତ୍ର ପ୍ରସିଦ୍ଧ ନଗର କଟକରେ ଦଶହରା ପର୍ବ ମହାସମାରୋହରେ ପାଳିତ ହୁଏ । ଗ୍ରାମର ଅଧିବାସୀଗଣ ନିଜ ନିଜର କୁଳବ୍ୟବସାୟର ବିଭିନ୍ନ ଯନ୍ତ୍ରପାତି ଦେବୀଙ୍କ ନିକଟରେ ସ୍ଥାପନ କରନ୍ତି । ଏହାକୁ ସ୍ଥାନୀୟ ଭାଷାରେ 'ସଜ ବସାଇବା' କହନ୍ତି । ବିଜୟା ଦଶମୀ ଦିନ ସଜ ଉଠେ ଏବଂ ଦେବୀଙ୍କର ବିସର୍ଜନ ହୁଏ । ଦଶହରାରେ ଅପରାଜିତାଙ୍କର ପୂଜା ହେତୁ ଏହି ଦଶମୀକୁ କେହି କେହି ଅପରାଜିତା ଦଶମୀ ବୋଲି କହିଥାଆନ୍ତି । ଏହିଦିନ ମଧ୍ୟ ସୋମନାଥ ବ୍ରତ ଅନୁଷ୍ଠିତ ହୁଏ । ବିଜୟାଦଶମୀ ଦିନ ଶମୀବୃକ୍ଷ ପୂଜା ମଧ୍ୟ ହୋଇଥାଏ । ପାଣ୍ଡବମାନେ ବନବାସ ସମୟରେ ଶମୀବୃକ୍ଷ ଗହ୍ୱରରେ ଶସ୍ତ୍ରସମୂହ ରଖିଥିଲେ । ବନବାସ ପୂର୍ଣ୍ଣ ହେବା ପରେ ଶସ୍ତ୍ରଗୁଡ଼ିକ ଏହି ବୃକ୍ଷରୁ ବାହାର କରିଥିଲେ । ସେହି ଦିନ ଥିଲା ବିଜୟା ଦଶମୀ । ନବରାତ୍ର ଆରମ୍ଭ ହେବା ସହିତ ବିଭିନ୍ନ ସ୍ଥାନରେ ରାମଲୀଳା ସହିତ ରାବଣ ପୋଡ଼ି ଉତ୍ସବ ପାଳନ ହୁଏ ।

ଉତ୍କଳରେ ଦଶଭୂଜା ମୃଣ୍ମୟୀ ମୂର୍ତି ବଙ୍ଗୀୟ ମତରେ ପୂଜିତ, ଉତ୍କଳୀୟ ମତରେ, ଦୁର୍ଗାଙ୍କର ମୂର୍ତି ଚତୁର୍ଭୁଜା, ଅଷ୍ଟଭୂଜା ଓ ଷୋଡ଼ଶ ଭୂଜା ହେବା ବିଧି ଅଟେ । ପୁରୀର ଗଜପତି ରାଜା ତୃତୀୟ ଦିବ୍ୟସିଂହ (୧୮୭୬ ସାଲ) ଚୈତ୍ରଯାତ୍ରା ବା ବାସନ୍ତୀୟ ଦୁର୍ଗା ପୂଜା ଅବସରରେ ଇଂରେଜ ସରକାରଙ୍କ ଚକ୍ଷୁଶୂଳ ହୋଇଥିଲେ । ଏହି ଉତ୍ସବରେ ୨୫ ହଜାର ପାଇକ ଲକ୍ଷ ଲକ୍ଷ ଜନତାଙ୍କ ସମ୍ମୁଖରେ ରଣହୁଙ୍କାର ଦେଇ ଚୈତ୍ରଯାତ୍ରା ପାଳନ କରୁଥିଲେ । ଜଣେ ସାଧୁଙ୍କ ମୃତ୍ୟୁ କାରଣରୁ ରାଜଗୁରୁ ହତ୍ୟା ଅପରାଧରେ କଳାପାଣି ପାର ଆଦେଶ ଇଂରେଜ ସରକାର ଦେଇଥିଲେ । ସେହିଦିନଠାରୁ ଉତ୍କଳୀୟ ଦଶହରା ବା ଚୈତ୍ରଯାତ୍ରା ବନ୍ଦ ହୋଇଯାଇଥିଲା । କାଳକ୍ରମେ କିଛି ବଙ୍ଗୀୟ ଲୋକ ଆମୋଦ-ପ୍ରମୋଦ ନିମିତ ଦୁର୍ଗାପୂଜା ଆରମ୍ଭ କରିଥିଲେ, ପରେ ତାହା ଉତ୍କଳର ବହୁ ଅଚଂଳ ବ୍ୟାପିଥିଲା । ଉତ୍କଳୀୟ ମତରେ ଦୁର୍ଗାଙ୍କର ଧ୍ୟାନର ମନ୍ତ୍ର ୯ଅକ୍ଷର, କିନ୍ତୁ ବଙ୍ଗୀୟ ବିଧିରେ ଧ୍ୟାନର ମନ୍ତ୍ର ୬ ଅକ୍ଷର । ଉତ୍କଳୀୟ ସଂସ୍କୃତିର ପୁନରୁଦ୍ଧାର ପାଇଁ ଗବେଷକଗଣ ଅଧିକ ଗବେଷଣା କରିବା ଉଚିତ । ଯାହା ଫଳରେ ଉତ୍କଳୀୟ ସଂସ୍କୃତିର ସ୍ୱାଧିନତା ପୁନରୁଦ୍ଧାର କରାଯାଇପାରିବ । ଦେବୀ ଦୁର୍ଗା ଶକ୍ତିମୟୀ, ଶକ୍ତି ବିନା ବ୍ୟକ୍ତି ତଥା ସମାଜର ପ୍ରଗତି ଅସମ୍ଭବ । ଦୁର୍ଗତିହାରିଣୀ ଦୁର୍ଗା 'ମା'ଙ୍କର ଆଶୀର୍ବାଦରେ ଦାନବୀୟ ପ୍ରବୃତିର ବିନାଶ ଘଟି ଦେବୀ ପ୍ରବୃତିର ବିକାଶ ଘଟୁ ।

**-ଅକ୍ଷୟ କୁମାର ରାଉତ,** ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତସିଂହପୁର, ମୋ-୯୯୩୭୬୯୧୪୭୫

## ସ୍ୱଚ୍ଛତାକୁ ନେଇ ଉଠିଲା ପ୍ରଶ୍ନ: କୁଢ କୁଢ ଅଳିଆ ଆବର୍ଜନାରେ ଗାଙ୍ଗୋତ୍ରୀ ନଗରବାସୀ



ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ପଂଚାୟତର ଗାଙ୍ଗୋତ୍ରୀ ନଗର ରୋଡ-୩ ଅଳିଆ ଆବର୍ଜନା ରାସ୍ତା କଡରେ ପଡି ରହୁଛି । ଯାହାଫଳରେ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ଯେହେତୁ କି ଏଇଟା ପଂଚାୟତ ଅଂଚଳ ମୁନିସିପାଲିଟି ଭଳିଆ ସ୍ୱଚ୍ଛତା ଉପରେ ଗୁରୁତ୍ୱ ନାହିଁ । କୁଢ କୁଢ ଅଳିଆ ଆବର୍ଜନା ନାହିଁ ନଥିବା ଦୁର୍ଗନ୍ଧରେ ଅଂଚଳବାସୀ ଅଣନିଃଶ୍ୱାସୀ । ବିଡମ୍ବନାର ବିଷୟ ଏହା କି ଯେ ସ୍ଥାନୀୟ ଅଂଚଳରେ ଡଷ୍ଟବିନ୍ ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ମଧ ପଂଚାୟତ ମୁଖ୍ୟ ଏହି ୱାର୍ଡ ପ୍ରତି ବୈମାତୃକ ମନୋଭାବ ପୋଷଣ କରିଛନ୍ତି । ଅତୀତରେ ଦିବଂଗତ ୱାର୍ଡମେମ୍ବର ଇଂ ସୁଶ୍ରୀ ଶେଫାଳୀ ମହାନ୍ତି କ୍ରମାଗତ ଭାବେ ଡଷ୍ଟବିନ ବସାଇବା ପାଇଁ ଦାବି କରିଥିଲେ । ଗାଙ୍ଗୋତ୍ରୀ ନଗର ରୋଡ-୩ରେ ୩ଟା, ନାଲକୋ କଲୋନୀରେ ୨ଟା ଏବଂ ଗାଙ୍ଗୋତ୍ରୀ ନଗର ୧, ୨ରେ ୨ଟା ଲେଖାଏଁ ପଂଚାୟତର ମୁଖ୍ୟଙ୍କୁ ଲିଖିତ ପ୍ରସ୍ତାବ ଦେଇଥିଲେ । ଏହାଭିତରେ ପଂଚାୟତ ଗଠନର ୮ ମାସ ହେବା ପରେ ମଧ ପ୍ରଶାସନ ପକ୍ଷରୁ କୌଣସି କର୍ଣ୍ଣପାତ କରୁନାହାଁନ୍ତି । ଡେଙ୍ଗୁ, ମ୍ୟାଲେରିଆ, ହଇଜା ଇତ୍ୟାଦି ମହାମାରୀ ରୋଗ ବ୍ୟାପିବାରେ ଆଶଙ୍କା ସୃଷ୍ଟି ହୋଇଛି । ବହୁ ବରିଷ୍ଠ ନାଗରିକ, କୁନି ପିଲା, ଏହି ଅଂଚଳରେ ରହିଥିବାବେଳେ ଅଳିଆ, ଆବର୍ଜନା ଦ୍ୱାରା ରାସ୍ତାରେ ଗମନାଗମନ କରିବା ମଧ୍ୟ ମୁସ୍‌କିଲ୍ ହୋଇପଡିଛି । ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ଯେ ଡଷ୍ଟବିନ ବସାଇବା ପାଇଁ ଲିଙ୍ଗିପୁର ପଂଚାୟତରେ ପଂଚାୟତର ମୁଖ୍ୟ ନିଜେ ଦାୟିତ୍ୱ ନେଇଥିବା ବେଳେ କେବଳ ଇନ୍ଦ୍ରା କଲୋନୀରେ (ଯୋଉଟା କି ନାଏବ ସଂରପଂଚଙ୍କ ୱାର୍ଡ)ରେ ଦୁଇଟି ବସେଇ ଚୁପଚାପ୍ ବସି ପଡିଛନ୍ତି ।

ରାଜ୍ୟ ସରକାର ସ୍ୱଚ୍ଛତାକୁ ନେଇ ବହୁ କାର୍ଯ୍ୟକ୍ରମ କରିଥିଲେ ମଧ ବାସ୍ତବରେ ଏହା ଏକ ଧୂଆଁବାଣ ବୋଲି ପ୍ରଚାର ହେଉଛି । ଡଷ୍ଟବିନ୍‌ର କାର୍ଯ୍ୟ ନିଜେ ସରଂପଚ ବୁଲିକି ଦେଖିଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇନଥିବା ଜଣାପଡିଛି । ଏହି ନିକଟରେ ସ୍ୱଚ୍ଛତା ଅଭିଯାନରେ ନିଜ ୱାର୍ଡ ସଭ୍ୟମାନଙ୍କୁ ଧରି ତାଙ୍କ ନିଜ ଅଂଚଳ ଲିଙ୍ଗିପୁର ଏବଂ ନାଥପୁରରେ ଲୋକଦେଖାଣିଆକୁ ସ୍ୱଚ୍ଛତା କାର୍ଯ୍ୟକ୍ରମ କରିଥିଲେ । କିନ୍ତୁ ଏକ ନିର୍ଦ୍ଧିଷ୍ଟ ୱାର୍ଡ ସଭ୍ୟ ତାଙ୍କ ୱାର୍ଡକୁ ସଫା ନକରି ସରପଂଚ ପଳାଇଥିବାରୁ ଉଭୟଙ୍କ ମଧ୍ୟରେ ତୁ ତୁ ମେଁ ମେଁ ହୋଇଥିଲା । ଏଠାରେ ପ୍ରଶ୍ନ ଉଠୁଛି ସ୍ୱଚ୍ଛତାରେ ବି କ'ଣ ରାଜନୀତି ? ଜିଲ୍ଲାପାଳ ମହୋଦୟ ଏବଂ ଏକାମ୍ର ନିର୍ବାଚନ ମଣ୍ଡଳୀର ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ଗାଙ୍ଗୋତ୍ରୀ ନଗରରେ ୧୦ଟି ଡଷ୍ଟବିନ୍ ଓ ସଫାସୁତୁରା ରଖିବା ପାଇଁ ଏବଂ ମଶାଗାଡି ପ୍ରତ୍ୟେକ ଦିନ ଅଂଚଳରେ ବୁଲିବା ପାଇଁ ନିର୍ଦ୍ଦେଶ ଦେବାକୁ ଦାବୀ ହୋଇଛି ଏବଂ ସ୍ଥାନୀୟ ଅଂଚଳବାସୀ ଚେତାବନୀ ଦେଇଛନ୍ତି ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ଲୋକମାନେ ତାର ପ୍ରତିଫଳନ କରିବାକୁ ପଛେଇବେ ନାହିଁ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ମଙ୍ଗରାଜପୁର ଠାରେ ବରୀ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ

ଧର୍ମଶାଳା, (ପି.ଏନ); ବିଜେଡିର ଲୋକାଭିମୁଖୀ ଯୋଜନା ଜନସାଧାରଣଙ୍କ ନିକଟରେ ପଂହଚାଇବାକୁ ଦଳ ସଭାପତି ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି । ଏହି କ୍ରମରେ ଜନସମ୍ପର୍କ ପଦଯାତ୍ରା ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ କରାଉଛି । ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଂଚାୟତ ଖଣ୍ଡାସସ୍ଥିତ ମଣି ମନ୍ଦିରଠାରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇ ଅର୍ଥଙ୍ଗା ପଂଚାୟତସ୍ଥ ଚଅପୋଇ ମେଲଣ ପଡିଆରେ ଶେଷ ହେବା ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ବରୀ ବିଧାୟିକା ସୁନନ୍ଦ ଦାସଙ୍କଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ବରୀ ନିର୍ବାଚନ ମଣ୍ଡଳୀର ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ ।ଏହି ପଦଯାତ୍ରାରେ ଧର୍ମଶାଳା ବିଧାୟକ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ(ଯୁବ ବ୍ୟାପାର)ପ୍ରଣବ କୁମାର ବଳବନ୍ତରାୟ ଓ ବରୀ ନିର୍ବାଚନ ମଣ୍ଡଳୀ ସଂଯୋଜକ ଦେବେନ୍ଦ୍ର ଦାସ ସାମିଲ ହୋଇ ଲୋକମାନଙ୍କ ସାମିଲ ହୋଇଥିଲେ । ଏହି ପଦଯାତ୍ରା ବିଭିନ୍ନ ଗ୍ରାମ ପରିକ୍ରମା ପରେ ଚଅପୋଇ ମେଲଣ ପଡିଆଠାରେ ଶେଷ ହୋଇଥିଲା । ବରୀ ନିର୍ବାଚନ ମଣ୍ଡଳୀ ବିଜେଡି ସଭାପତି କେଦାର ନାଥ ସାମଲଙ୍କ ସଭାପତିତ୍ୱରେ ଏହି ସଭାରେ ଅତିଥିଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗ ଦେଇ ନବୀନ ସରକାରଙ୍କ ଯୋଜନାର ଗଣଗାନ କରିଥିଲେ । ଅନ୍ୟତମ ଅତିଥି ଭାବେ ରସୁଲପୁର ବ୍ଲକ ଅଧକ୍ଷ ଅରୁଣ କୁମାର ରାଉତ, ଉପାଧକ୍ଷା ଜୟନ୍ତୀ ଦାସ,ବରୀ ବ୍ଲକ ଉପାଧକ୍ଷା ଅର୍ଚ୍ଚନା ମଲ୍ଲିକ,୩୬ ନଂ ଜୋନ ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ,୨୧ ନଂ ଜୋନର ଜିଲା ପରିଷଦ ସଭ୍ୟ ଅଶୋକ ସାମଲ,୩୧ ନଂ ଜୋନର ଜିଲା ପରିଷଦ ସଭ୍ୟ ବିନୋଦ ମାଝି,ରସୁଲପୁର ବ୍ଲକ ଯୁବ ସଭାପତି ମନୋଜ ରାଉତ ଓ ବରୀ ମହିଳା ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ନାଥଶର୍ମା ପ୍ରମୁଖ ଯୋଗ ଦେଇଥିଲେ । ୩୬ ନଂ ଜୋନର ପୂର୍ବତନ ଜିଲା ପରିଷଦ ସଭ୍ୟ ଚତୃଭୂଜ ଦ୍ୱିବେଦୀ ସ୍ୱାଗତ ଭାଷଣ ଓ ଜିଲା ଯୁବ ସାଧାରଣ ସମ୍ପାଦକ ପ୍ରିୟରଂଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବରୀ ନିର୍ବାଚନ ମଣ୍ଡଳୀର ୨୦ରୁ ଉର୍ଦ୍ଧ ପଂଚାୟତର ସରପଂଚ, ସମିତିସଭ୍ୟ/ସଭ୍ୟା, ମହିଳା ନେତ୍ରୀ ଓ କର୍ମୀ ଓ ଦଳୀୟ କର୍ମକର୍ତା ଯୋଗ ଦେଇଥିଲେ ।

## ସାକ୍ଷୀଗୋପାଳ ଡାକ୍ତରଖାନା, ଛାତରୁ ଖସୁଛି କଂକ୍ରିଟ

ସାକ୍ଷୀଗୋପାଳ, (ପି.ଏନ): ମେଡ଼ିକାଲ ଛାତରୁ ଖସୁଛି କଂକ୍ରିଟ । ଏ ଚିତ୍ର ହେଉଛି ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସ୍ଥାନୀୟ ଅଂଚଳର ପ୍ରାୟ ଦେଢ଼ ଲକ୍ଷ ଲୋକ ନିର୍ଭର କରିଥାନ୍ତି । ଏହା ବ୍ୟତୀତ ଜାତୀୟ ରାଜପଥ ପାର୍ଶ୍ୱରେ ମେଡ଼ିକାଲଟି ରହିଥିବାରୁ ଏଠାକୁ ରାସ୍ତା ଦୁର୍ଘଟଣାରେ ଶିକାର ଅନେକ ଗୁରୁତର ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି । ସ୍ୱାସ୍ଥ୍ୟ ସେବା ପରିମଳ ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଆଇଏସଓ ମାନ୍ୟତା ସହ କାୟକଳ୍ପ ପୁରସ୍କାର ମଧ୍ୟ ପାଇଛି । ବହୁ ପୁରାତନ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୪ /୦୬/ ୨୦୦୬ ରେ ସରକାରଙ୍କ ପକ୍ଷରୁ ବିପୁଳ ଅର୍ଥ ଅନୁଦାନରେ (ରିନୋଭେସନ) ନବୀକରଣ କାରଯାଇଥିଲା । ଏହି କଂକ୍ରିଟି ଦୀର୍ଘ ଦିନ ତଳୁ ଖଣ୍ଡ ଖଣ୍ଡ ହୋଇ ଖସୁଥିଲେ ମଧ୍ୟ ଏହା ମରାମତି ସହ ଅନ୍ୟ କିଛି ବିକଳ୍ପ ନକରିବା ଯୋଗୁଁ ବିପଦପୂର୍ଣ୍ଣ ଭାବେ ଶଯ୍ୟାରେ ରୋଗୀ ଚିକିତ୍ସିତ ହେଉଛନ୍ତି । ଏହି ଛାତ ତଳେ ରହିଛି ପ୍ରସୂତୀ ଓ ମହିଳା କକ୍ଷ, ସେବୀକା କକ୍ଷ, ସାଧାରଣ କକ୍ଷ ଓ ପୁରୁଷ କକ୍ଷ । ତେବେ ପ୍ରସୂତୀ ଓ ମହିଳା କକ୍ଷ ଓ ପୁରୁଷ କକ୍ଷରୁ କଂକ୍ରିଟି ଖସୁଥିବା ଜଣାପଡିଛି ।

## ଗଂଜେଇ ଚାଲାଣ ବେଳେ ଚଢାଉ

ଜୟପୁର ,(ପି.ଏନ): ଆନ୍ଧ୍ର ଓଡ଼ିଶା ସୀମାନ୍ତ ଜଲାପୁଟ ଗ୍ରାମ ଅଂଚଳରୁ ବାହାର ରାଜ୍ୟ କୁ ଗଞ୍ଜେଇ ଚୋରାଚାଲାଣ ବେଳେ ମାଛକୁଣ୍ଡ ଚଢାଉ କରିଣାଅଭିଯୁକ୍ତ କୁ ଗିରଫ କରିଛିାବିଶେଷ ସୂତ୍ର ରୁ ଖବର ପାଇ ମାଛକୁଣ୍ଡ ପୋଲିସ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଜଲାପୁଟ ଅଂଚଳ ରେ ପେଟ୍ରୋଲିଙ୍ଗ କରିଥିବା ଶଗର ଗ୍ରାମ ନିକଟରେ ଏକ କାରକୁ ଅଟକାଇଥିଲେ ।ଗାଡି କୁ ଯାଂଚ କରିବାରୁ ଡିକି ରେ ବିପୁଳ ଗଞ୍ଜେଇ ମିଳିଥିଲା ।ଗାଡିରୁ ୧ କୁଇଁଣ୍ଟାଲ ରୁ ଅଧିକ ଗଞ୍ଜେଇ ଥିବା ବେଳେ ଏହାର ମୁଲ୍ୟ ୧୦ ଲକ୍ଷ ଟଙ୍କା ହେବବୋଲି ପୋଲିସ କହିଛି ।ଅଭିଯୁକ୍ତ ମାନେ ପାଡୁଆ ଥାନା ଅନ୍ତର୍ଗତ ଖୁଡୁବ ଗ୍ରାମର ଗୌରାଙ୍ଗ ପାଙ୍ଗି, ଗୋଡିପୁଟ ଗ୍ରାମର ସୋମନାଥ ପ୍ରଧାନି ଏବଂ ଆନ୍ଧ୍ର ପ୍ରଦେଶ ର ଲକ୍ଷ୍ମଣ ରାଓ ଗୁଞ୍ଜିଆ ବୋଲି ଜଣା ପଡିଛି ।

## ବିଜୁ ଜନତା ଦଳ ଆଗଲପୁର ବ୍ଲକ ତରଫରୁ ଜନସମ୍ପର୍କ ପଦଯାତ୍ରା ର ଶୁଭାରମ୍ଭ

ବଲାଙ୍ଗିର ,(ପି.ଏନ) ଗାନ୍ଧୀ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ର ସଭାପତି ନ୍ୱୀନ ପଟ୍ଟନାୟକ ଙ୍କ ନିର୍ଦ୍ଦେଶ କ୍ରମେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଗଲପୁର ବ୍ଲକ ର ରିନବଚନ ପଂଚାୟତ ଠାରେ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇ ଯାଇଛି, ପଦ ଯାତ୍ରା ରେ ରିନବଚନ ପଂଚାୟତ ର ୩ ଗୋଟି ଗ୍ରାମ ରେ ପଦଯାତ୍ରା ହୋଇଥିଲା, ପଦ ଯାତ୍ରା ପରେ ବ୍ଲକ ସଭାପତି ଫଂଚୁ ପଧାନ ଙ୍କ ସଭାପତିତ୍ୱ ରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା, ସଭା ଆରମ୍ଭ ପୂର୍ବରୁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ବିଜୁ ପଟ୍ଟନାୟକ ଙ୍କୁ ପୁଷ୍ପ ମାଲ୍ୟ ଅର୍ପଣ କରି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା, ଏହି ସଭା ରେ ରାଜ୍ୟ ପରିଷଦ ସଦସ୍ୟ ନିହାର ରଂଜନ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିବା ବେଳେ, ମୁଖ୍ୟ ବକ୍ତା ହିସାବରେ ବଲାଙ୍ଗୀର ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ ଯୋଗଦାନ କରିଥିଲେ, ଅନ୍ୟାନ୍ୟ ଅତିଥି ଭାବରେ ସ୍ଥାନୀୟ ସମିତି ସଭ୍ୟା ଅନିତା ଭୋଇ, ବକଟି ସମିତି ସଭ୍ୟ ଶ୍ରୀନିବାସ ମଲ୍ଲିକ୍, ରୋଥ ସମିତି ସଭ୍ୟ କମଲ ସେଠ, ରାମପୁର ପାକ୍ସ ସଭାପତି ଉତମ ଭୋଇ, ଯୁବ ସଭାପତି ନାରାୟଣ ସାହୁ ପ୍ରମୁଖ ଯୋଗଦାନ କରି ରାଜ୍ୟ ସରକାର ଙ୍କ ବିଭିନ୍ନ ଯୋଜନା ଜନସାଧାରଣ ଙ୍କୁ ବୁଝାଇଥିଲେ ଓ ବିଭିନ୍ନ ସମସ୍ୟା ଉପରେ ଜନସାଧାରଣ ଙ୍କ ସହିତ ଆଲୋଚନା କରିଥିଲେ, ଏହି ସଭା କୁ ବିକ୍ରମ ଦୋରା, ସୁଶାନ୍ତ ଦୋରା, ଜୟଦେବ ଦୋରା, ଓ ଲୋଚନ ଦୋରା ଓ ପ୍ରଶାନ୍ତ ଭୋଇ ପ୍ରମୁଖ ସହାୟତା କରିଥିବା ବେଳେ, ଛାତ୍ର ସଭାପତି ଆନନ୍ଦ ଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ତୁଳସୀ ମହିଳା ବିଦ୍ୟାଳୟରେ ଗାନ୍ଧୀ ଜୟନ୍ତୀ ପାଳନ

କେନ୍ଦ୍ରାପଡ଼ା, (ପି.ଏନ): ପବିତ୍ର ଗାନ୍ଧୀ ଜୟନ୍ତୀ ପରିପ୍ରେକ୍ଷୀରେ ତୁଳସୀ ମହିଳା ବିଦ୍ୟାଳୟରେ ଆଇ.କ୍ୟୁ.ଏ.ସି ଆନୁକୂଲ୍ୟରେ ମହାତ୍ମା ଗାନ୍ଧି ଓ ଭାରତର ସ୍ୱାଧିନତା ଆନ୍ଦୋଳନ ଶୀର୍ଷକ ଏକ ଆଭାସୀ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ମହା ବିଦ୍ୟାଳୟ ଅଧକ୍ଷ ପ୍ରଫେସର ରଞ୍ଜିତ ରଞ୍ଜନ ସାହୁଙ୍କ ପୌରାହିତ୍ୟରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ଶ୍ରୀ ଜୟଦେବ ଶିକ୍ଷା ଓ ବୈଷୟିକ ମହା ବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ସହ ଯୋଗୀ ପ୍ରଫେସର ଡ଼ଃ ସନ୍ତୋଷ କୁମାର ସେଠୀ ମୁଖ୍ୟ ଆଲୋଚକ ଭାବେ ଅଂଶଗ୍ରହଣ କରିଥିଲେ । ଡ଼ଃ ସେଠୀ ତାଙ୍କର ବକ୍ତବ୍ୟରେ ଭାରତର ସ୍ୱାଧିନତା ସଂଗ୍ରାମର ୩ ଗୋଟି ମୁଖ୍ୟ ଆଧାର ଯଥା ଅସହଯୋଗ ଆନ୍ଦୋଳନ, ଆଇନ ଅମାନ୍ୟ ଅନ୍ଦୋଳନ, ଭାରତ ଛାଡ ଆନ୍ଦୋଳନରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱ ଓ ବହୁମୁଖୀ ଭୂମିକା ସଂପର୍କରେ ବିସ୍ତୃତ ଆଲେଚନା କରିବା ସହ ଗାନ୍ଧୀଜୀ କେନ୍ଦ୍ରାପଡା ଜିଲ୍ଲା ସହ ସଂପର୍କ ଉପରେ ଆଲୋକପାତ କରିଥିଲେ ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିଷ୍ଣାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ ।

# ମିଶନ ଓଡ଼ିଶାର ଦାନ ଉତ୍ସବ

ପୁରୀ, (ପି.ଏନ): ଦେବାରେ ଯେଉଁ ଆନନ୍ଦ ଥାଏ ତାହା ଅବର୍ଣ୍ଣନୀୟ । ଏହି ଆନନ୍ଦର ଅମୃତ ଅନୁଭବ ଅନନ୍ୟ । ଏଭଳି ଏକ ଚେତନାକୁ ନେଇ ସମଗ୍ର ଭାରତବର୍ଷରେ ଦାନ ଉତ୍ସବ ପାଳନ ହେଉଥିବା ସମୟରେ ପ୍ରତିବର୍ଷ ପରି ମିଶନ ଓଡ଼ିଶା, ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରେ ଆରମ୍ଭ କରିଛି ଦାନ ଉତ୍ସବ ସପ୍ତାହ । ଅନୁଷ୍ଠାନର ସଂପାଦକ ମଧୁସୂଦନ ମିଶ୍ରଙ୍କ ପରିଚାଳନାରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବକୁ ଅତିରିକ୍ତ ଜିଲ୍ଲାପାଳ କୈଳାଶ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଶିଳ୍ପପତି ରାଜକିଶୋର ପାତ୍ର, ବିଭୁପ୍ରସାଦ ସାହୁ , ଡକ୍ଟର ଅଭିମନ୍ୟୁ ଭୂୟାଁ , ଡାକ୍ତର ଦୀପକ କୁମାର ସାହୁ ଓ ଦୁର୍ଗାଚରଣ ମିଶ୍ର ଉଦଘାଟନ କରିଥିଲେ । ଏ ନେଇ ପୁରୀ ଜିଲ୍ଲାର ଥାଲେସେମିଆ ରୋଗୀଙ୍କୁ ରକ୍ତଦାନ ପାଇଁ ଆୟୋଜିତ ରକ୍ତଦାନ ଶିବିରରେ ରକ୍ତବୀର ବଦ୍ରି ମିଶ୍ର ୧୦୯ତମ ରକ୍ତଦାନ କରି ରେକର୍ଡ କରିଥିବା ସହ ୩୩ ଜଣ ରକ୍ତଦାତା ରକ୍ତଦାନ କରିଥିଲେ । ଏଥିସହ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ସଂଯୋଜନାରେ ଝଣ୍ଡୁ ଫାର୍ମାସୀ ସହଯୋଗରେ ଜିଲ୍ଲାର ୬୫ ଜଣ ବ୍ୟକ୍ତିଙ୍କର ମୁକ୍ତଦେୟରେ ବୋନ୍ ମିନୋରାଲ ଡେନସିଟି ଟେଷ୍ଟ ଦାନ ଉତ୍ସବରେ ସଫଳତା ଦେଇଥିଲା । ବିଶିଷ୍ଟ ଆର୍ୟୁବେଦ ଚିକିତ୍ସକ ଡାକ୍ତର ଦେବଦାସଙ୍କ ନେତୃତ୍ୱରେ ଡାକ୍ତର ଶାନ୍ତିଲତା ସାହୁ, ସୁଶାନ୍ତ ସ୍ୱାଇଁ ଓ ସନ୍ତୋଷ ସାହୁ ଏହି ଚିକିତ୍ସା ଓ ପରୀକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜୟନ୍ତୀ ମହାପାତ୍ର, ମଧୁମିତା ମହାପାତ୍ର, ଶିବ ସେନାପତି, ଗୋବିନ୍ଦ ପାତ୍ର, ସୌମ୍ୟରଞ୍ଜନ ପାତ୍ର, କେଦାରନାଥ ମହାପାତ୍ର, ଶିବାନୀ ଶୁଭ୍ରଜ୍ୟୋତି, ବିଶ୍ୱନାଥ ଦାଶ, ହୃଷିକେଶ ପ୍ରଧାନ, ଓମପ୍ରକାଶ ମହାନ୍ତି, ଶାନ୍ତିଲତା ପ୍ରଧାନ, ଶିବରାମ ପ୍ରଧାନ, ଲାଲା ଅନନ୍ତ ସିଂହ, ଦୀପକ ପାତ୍ର, ନୀଳାଚଳ ଦାସ ପ୍ରମୁଖ ସହଯୋଗ କରିଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଶ୍ୟାମପ୍ରକାଶ ସେନାପତି ।ଏଇ ସପ୍ତାହରେ ମିଶନ ଓଡ଼ିଶା ପକ୍ଷରୁ ବିଦ୍ୟାଦାନ, ବୃକ୍ଷ ଦାନ ଓ ଜ୍ଞାନଦାନର କାର୍ଯ୍ୟକ୍ରମ କରାଯିବ ବୋଲି ମଧୁସୂଦନ ମିଶ୍ର ଜଣାଇଛନ୍ତି ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ଜାତୀୟ କ୍ରୀଡା ପ୍ରତିଯୋଗିତା ପାଇଁ ଜିଲ୍ଲାରୁ ୩ ଜଣ ମନୋନିତ୍ୱ

କେନ୍ଦ୍ରାପଡ଼ା,(ପି.ଏନ): ୩୬ ତମ ଜାତୀୟ କ୍ରୀଡା (ଯୋଗାସନ) ପ୍ରତିଯୋଗିତା ଆସନ୍ତା ଅକ୍ଟୋବର ମାସ ୬ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ଗୁଜୁରାଟର ଅହମ୍ମଦାବାଦ୍ ଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଜାତୀୟ ପ୍ରତିଯୋଗିତା ପାଇଁ ଜିଲ୍ଲାରୁ ୩ ଜଣ ପ୍ରତିଯୋଗୀ ମନୋନିତ୍ୱ ହୋଇଛନ୍ତି । ସେମାନେ ହେଲେ ମୁନ୍ନା ମଲିକ, ପଦ୍ମଲୋଚନ ଦାସ, ଓ ହିମାଂଶୁ ବେହେରା । ଅକ୍ଟୋବର ମାସ ୪ ତାରିଖ ଦିନ ଏହି ୩ ଜଣ ଅହମ୍ମଦାବାଦ ଯାତ୍ରା କରିବେ ବୋଲି ଜଣାପଡିଛି । ବର୍ତମାନ ଏହି ପ୍ରତିଯୋଗୀ ମାନେ କଳିଙ୍ଗ ଷ୍ଟାଡିୟମ ଠାରେ ଚାଲିଥିବା ଯୋଗ ଶିବିରରେ ପ୍ରଶିକ୍ଷଣ ନେଉଛନ୍ତି ।

# ପୋଲିସ କାର୍ଯ୍ୟନୁଷ୍ଠାନ ନେଉ ନଥିବା ଅଭିଯୋଗ

କେନ୍ଦୁଝର(ପିଏନ) ଝୁମ୍ପୁରା ତହସିଲ ଅନ୍ତର୍ଗତ ବସନ୍ତପୁର ପଞ୍ଚାୟତର ନଈବୁଗା ପଂଚାୟତ ରାସ୍ତାକୁ କେତେକ ମୃଷ୍ଟିମେୟ ଲୋକ ଜେସିବି ମେସିନ ଦ୍ୱାରା ରାସ୍ତା କାଟି ଦେବା ଘଟଣାକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି । ଏହି ଘଟଣାକୁ ନେଇ ଚମ୍ପୁଆ ଉପଜିଲ୍ଲାପାଳ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ କରି ରାସ୍ତା କାଟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଏହି ବେଆଇନ କାମ ପ୍ରତିବାଦରେ ସ୍ଥାନୀୟ ବସନ୍ତପୁର ସରପଞ୍ଚ ଲିପାରାଣୀ ନାୟକ ବାମେବାରୀ ଥାନାରେ ଲିଖିତ ଏତଲା ଦେଇଥିଲେ ହେଁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଅସନ୍ତୋଷ ବଢୁଛି । ପ୍ରକାଶ ଯେ, ଉକ୍ତ ଗ୍ରାମ୍ୟ ରାସ୍ତା ୧୯୬୫ ମସିହାରୁ ଓଏମ୍‌ସି ଖଣି ପରିବହନ ପାଇଁ ବ୍ୟବହାର କରାଯାଇ ଆସୁଥିଲା । ସେହି ରାସ୍ତାରେ ଗ୍ରାମବାସୀ ମଧ୍ୟ ଯାତାୟତ କରୁଥିଲେ । ତେବେ ଦୀର୍ଘ ପ୍ରାୟ ୧୦୦ ବର୍ଷ ପରେ ୨ ଜଣ ଆଦିବାସୀ ରାଇମଣୀ ଚମ୍ପିଆ ଓ ଜୟରାମ ମୁଣ୍ଡା ଚମ୍ପୁଆ ଉପଜିଲ୍ଲାପାଳଙ୍କ କୋର୍ଟରେ ତାଙ୍କ ଜମି ଉପରେ ମେସର୍ସ ତାରିଣୀ ପ୍ରସାଦ ମହାନ୍ତି ଜବର ଦଖଲ କରି ରାସ୍ତା ନିର୍ମାଣ କରି ଖଣି ପରିବହନ କରୁଥିବା ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଏହି ରାସ୍ତା ଉପରେ ଉପଜିଲ୍ଲାପାଳ ଜମି ଚିହ୍ନଟ ପାଇଁ ପାଇଁ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ ଦେଇଥିଲେ । ୨୧ ତାରିଖ ଦିନ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା । ଜମି ମାପଚୁପ ବେଳେ ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସନସିୟା ତିର୍କି କହିଥିଲେ ଉପଜିଲ୍ଲାପାଳଙ୍କ ଫାଇନାଲ ଅର୍ଡର ହେବା ପର୍ଯ୍ୟନ୍ତ ଜମି ଯେପରି ଅଛି ସେପରି ରହିବ ଏବଂ ଯେପରି ବ୍ୟବହାର ହେଉଛି ସେପରି ବ୍ୟବହାର ହେବ । କିନ୍ତୁ ତାଙ୍କ ଆଦେଶକୁ ଅବମାନନା କରି କେତେକ ମୃଷ୍ଟିମେୟ ଲୋକ ରାସ୍ତା କାଟି ଦେବା ଫଳରେ ବିବାଦୀୟ ପରିସ୍ଥିତି ଦେଖାଦେଇଛି । ଜେସିବି ମେସିନ ସହାୟତାରେ ରାସ୍ତାକୁ କାଟି ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ କରିବା ଫଳରେ ଗାଁ ଅଶାନ୍ତ ହୋିପଡିଛି । ଏହି ରାସ୍ତା ଉପରେ ଚୁଡିସାହି , ମୁଣ୍ଡାସାହି, ସାକ୍ରାଡିହି,ନଈବୁଗା ଆଦି ୧୦ଟି ସାହି ବିଛିନ୍ନ ହୋଇଯିବା ଫଳରେ ପାଣି,ଆମ୍ବୁଲାନ୍ସ,ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ବାଧାପ୍ରାପ୍ତ ହୋଇଥିଲା । ଏହି ବେଆଇନ ରାସ୍ତା ଖୋଳା ନେଇ ସ୍ଥାନୀୟ ସରପଞ୍ଚ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାମେବାରୀ ପୋଲିସ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରୁନଥିବାରୁ ଉକ୍ତ ଅଞ୍ଚଳ ଅଶାନ୍ତ ହୋଇପଡିଛି । ଗତକାଲି ରାସ୍ତାର ସ୍ଥିତାବସ୍ଥା ଫେରାଇ ଆଣିବାକୁ ଝୁମ୍ପୁରା ତହସିଲଦାର ପ୍ରତିମା ପୃଷ୍ଟି ଏବଂ ଏସ୍‌ଡିପିଓ ବଡବିଲ ହିମାଂଶୁ ବେହେରାଙ୍କ ଉପସ୍ଥିତିରେ ଉଦ୍ୟମ କରିଥିଲେ ହେଁ କିଛି ଅସାମାଜିକ ଲୋକ ଗଣ୍ଡଗୋଳ କରି କାମ କରାଇ ଦେଇନଥିଲେ । ପୋଲିସ ନୀରବଦ୍ରଷ୍ଟା ସାଜି ଚୁପ ବସିଥିବାବେଳେ ଅସାମାଜିକ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ନେଇନଥିଲା । ଏନେଇ ଉପଜିଲ୍ଲାପାଳ ଚମ୍ପୁଆ ପ୍ରତାପ ପ୍ରିତିମୟଙ୍କ ସହ ଯୋଗାଯୋଗ କରିବାରୁ ରାସ୍ତାର ମାପଚୁପ ପାଇଁ କୁହାଯାଇଥିଲା । ଯେଉଁମାନେ ରାସ୍ତା କାଟିଛନ୍ତି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କୁହାଯାଇଛି । ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଗତକାଲି ରାତିରେ କିଛି ଲୋକ ଉକ୍ତ ରାସ୍ତାକୁ ପୁଣି ଥରେ ହାଣି ଦେଇଥିବାରୁ ଯାତାୟତ ବ୍ୟାଘାତ ହୋଇଛି । ସରପଞ୍ଚଙ୍କ ଅଭିଯୋଗ ଅନୁଯାୟୀ ବ୍ରହ୍ମେଶ୍ୱର ମହାକୁଡ,ସୁବାସ ମହାକୁଡ,ମଦନ ମୋହନ ବେହେରା, ସୁବ୍ରତ ପଲେଇଙ୍କ ସମେତ ଅନ୍ୟମାନେ ତାଙ୍କୁ ଜାତିଆଣ ଗାଳିଗୁଲଜ କରିବା ସହ ୨ଟି ଜେସିବି ମେସିନ ସାହାଯ୍ୟରେ ରାସ୍ତା କାଟିଥିବା ନେଇ ଅଭିଯୋଗ କରିଛନ୍ତି । ଦୁଇ ଦୁଇ ଥା ରାସ୍ତା କାଟିବା ପରେ ଅଭିଯୋଗ ପରେ ପୋଲିସ କାର୍ଯ୍ୟନୁଷ୍ଠାନ ନେଉନଥିବାରୁ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି । କିଛି ଖଳ ପ୍ରକୃତିର ଲୋକ ପରିବହନ କାର୍ଯ୍ୟ ହାତେଇବା ପାଇଁ ଆଦିବାସୀଙ୍କୁ ଢାଲ କରି ବାରମ୍ବାର ଗଣ୍ଡଗୋଳ କରୁଥିବା ଟିପି ମହାନ୍ତି ଖଣିର ପରିଚାଳକ ଇଂ ଚନ୍ଦ୍ରଶେଖର ଜେନା ପ୍ରକାଶ କରିଛନ୍ତି । ଆଦିବାସୀଙ୍କ ଜମି ଟିପି ମହାନ୍ତି ଖଣି ଜବର ଦଖଲ କରିନାହିଁ । ଏହି ରାସ୍ତା ବହୁ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଛନ୍ତି । ଗ୍ରାମ୍ୟ ରାସ୍ତା ଦୀର୍ଘ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଥିବାବେଳେ ଅଭିଯୋଗ ପରେ ସୁପରଭାଇଜର ଭୁବନାନନ୍ଦ ନାୟକ, ମଲଦା ରାଜସ୍ୱ ନୀରିକ୍ଷକ ସୋନାଲୀ ସେଠୀ ଏବଂ ଅମିନ ସୁରେଶ ନାୟକ ଠିକ୍ ଭାବରେ ମାପଚୁପ ନକରି ନଥିବା ସ୍ଥାନୀୟ ସରପଞ୍ଚ ଅଭିଯୋଗ କରିଛନ୍ତି । ମାପଚୁପ କରୁଥିବା କର୍ମଚାରୀ ପ୍ରଭାବିତ ହୋଇ ଚିହ୍ନଟ କରିଥିବା ସେ ଅଭିଯୋଗ କରିବା ସହ ଚମ୍ପୁଆ ଉପଜିଲ୍ଲାପାଳ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଅନ୍ୟ ସର୍କଲରୁ କର୍ମଚାରୀ ଆଣି ମାପଚୁପ କରିବାକୁ ସେ ଦାବୀ କରିଛନ୍ତି । ଏଥିସହ ଏହି ଅଞ୍ଚଳରେ ଦୀର୍ଘ ଦିନ ଧରି ଅରାଜକତା କରୁଥିବା ଲୋକଙ୍କୁ ଗିରଫ କରି ଶାନ୍ତି ଫେରାଇ ଆଣିବାକୁ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦାବୀ କରିଛନ୍ତି ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ପର୍ଯ୍ୟବେକ୍ଷକ
PARYABEKHYAK




# ପାରାଦୀପରେ ଉତ୍ସାହ ଉଦ୍ଦିପନାର ସହିତ ଦେବୀ ଦୂର୍ଗାଙ୍କର ପୂଜା ଉତ୍ସବ ପାଳିତ



ପାରାଦୀପ, (ପି.ଏନ): ବନ୍ଦର ସହର ପାରାଦୀପର ବିଭିନ୍ନ ସ୍ଥାନରେ ଜଗତଜନନୀ ଦେବୀ ଦୂର୍ଗାଙ୍କର ପୂଜା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । କରୋନା କଟକଣା ହଟିବା ପରେ ପାରାଦୀପର ବିଭିନ୍ନ ପୂଜା ମଣ୍ଡପ ଗୁଡିକରେ ଶୋଭା ପାଇଥିଲେ ମାଆ ଜଗତକଲ୍ୟାଣୀ । ପାରାଦୀପର ସର୍ବପୁରାତନ ଅନୁଷ୍ଠାନ ବଡପଡିଆର ପାରାଦୀପ ପୋର୍ଟ ବଣିକ ସଂଘ ପକ୍ଷରୁ ଚଳିତ ବର୍ଷ ଜାକଜମକର ସହିତ ପାଳିତ ହୋଇଯାଇଛି ମାଆଙ୍କର ପୂଜା ଉତ୍ସବ । ଅଷ୍ଟମୀ,ନବମୀ ଓ ଦଶମୀ ସଂଧ୍ୟାରେ ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବଣିକ ସଂଘର ସଭାପତି ସେଂାଷ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଦେବୀଙ୍କର ସମସ୍ତ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପାରାଦୀପର ଅେଂବାସୀଙ୍କ ସମେତ ବଣିକ ସଂଘର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ମାଆଙ୍କର କୃପା ଲାଭ କରିଥିଲେ । ସେହିପରି ପାରାଦୀପର ମଧୁବନସ୍ଥିତ ଜେଏସଡବ୍ଲ୍ୟୁ କାର୍ଯ୍ୟାଳୟ, ଷଣ୍ଢକୁଦ, ମଧୁବନସ୍ଥିତ ସାର୍ବଜନୀନ ଦୂର୍ଗୋତ୍ସବ କମିଟି, ଜଗନ୍ନାଥ କଲୋନୀ, ଅଠରବାଙ୍କୀ ନିକଟସ୍ଥ ତାରିଣୀଗଡାର ବିଜୟଚନ୍ଦ୍ରପୁର ନାଗରିକ ପରିଷଦ ପକ୍ଷରୁ ଆୟୋଜିତ ପୂଜାରେ ସ୍ଥାନୀୟ ଜନସାଧାରଣ ମାଆଙ୍କର କୃପା ଭିକ୍ଷା କରିଥିଲେ । କରୋନା କଟକଣା ହଟି ଯାଇଥିବାରୁ ପ୍ରତ୍ୟେକ ଦିନ ଭକ୍ତମାନଙ୍କର ଭିଡ ପୂଜା ମଣ୍ଡପ ଗୁଡିକରେ ଦେଖିବାକୁ ମିଳିଥିଲା ।

# ଅଷ୍ଟମ ଟୋଙ୍ଗ- ଇଲ୍- ମୁଁ -ଡୁ ଜାତୀୟ ସ୍ତରୀୟ ଚମ୍ପିଆନ୍‌ସିପ୍‌ରେ ଓଡିଶାରୁ ୩୫ ଜଣଙ୍କ ଅଂଶଗ୍ରହଣ

ଭୁବନେଶ୍ୱର,(ପି.ଏନ): ଟୋଙ୍ଗ-ଇଲ୍-ମୁଁ-ଡୁ ଫେଡେରେସନ୍ ପକ୍ଷରୁ ଅଷ୍ଟମ ଜାତୀୟ ସ୍ତରୀୟ ଟୋଙ୍ଗ-ଇଲ୍-ମୁଁ-ଡୁ ଚମ୍ପିଆନ୍‌ସିପ୍ ଅନୁଷ୍ଠିତ ହେବାକୁ ଯାଉଛି । ମହାରଷ୍ଟ୍ରର ଇଷ୍ଟିମେଡ୍ ଡିଭାଇନ୍ ସ୍ପୋର୍ଟସ କମ୍ପ୍ଲେକ୍ସ, ମିନତାଇ ଠାକେର୍ ଷ୍ଟାଡିୟମ, ହିରାଓଡି, ପଞ୍ଚବାଟି ଓ ନାସିକ ଷ୍ଟାଡିୟମ ଠାରେ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଚମ୍ପିଆନ୍‌ସିପ୍‌ରେ ଓଡିଶାରୁ ୩୫ ଜଣ ପ୍ରତିଯୋଗୀ ଏବଂ ରେଫରୀ ଅଂଶଗ୍ରହଣ କରିବେ । ଆଜି ଭୁବନେଶ୍ୱର ରେଳ ଷ୍ଟେସନ ଠାରୁ ଏହି ୩୫ ଜଣ ପ୍ରତିଯୋଗୀଙ୍କ ସହିତ କୋଚ୍ ଆଶୁତୋଷ ବଳିୟାରସିଂ, ରଶ୍ମିରେଖା ମହାନ୍ତି, ରାଧାବହ୍ଲବ ରାୟ ଓ ମ୍ୟାନେଜର ଲଲାଟ କୁମାର ପରିଡା ପ୍ରମୁଖ ନାସିକ୍ ଅଭିମୁଖେ ଗ୍ରସ୍ତ କରିଛନ୍ତି । ଏହି ଅବସରରେ ଫେଡେରେସନର ସଭାପତି ରବି ନାରାୟଣ ରାଉତରାୟ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ଓଡିଶା ପାଇଁ କୃତିତ୍ୱ ହାସଲ ନିମେଂ କାମନା କରିଛନ୍ତି ।

# ଜୟ ଜଗନ୍ନାଥ ପରିବାର ପକ୍ଷରୁ ମହାପ୍ରସାଦ ବଣ୍ଟନ



ଭୁବନେଶ୍ୱର,(ପି.ଏନ); ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ସହିତ ଲୋକଙ୍କ ପାଖରେ ପହଁଚାଇବାର ସଂକଳ୍ପ ନେଇ ଗଢି ଉଠିଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୟ ଜଗନ୍ନାଥ ପରିବାର ପକ୍ଷରୁ ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ଅଷ୍ଟମୀ ଓ ନବମୀ ଦିନ ଚନ୍ଦ୍ରଶେଖରପୁର ସ୍ଥିତ ହାଉସିଂ ବୋର୍ଡ କଲୋନୀ ଠାରେ ଅନୁଷ୍ଠିତ ଦୁର୍ଗାପୂଜା ମଣ୍ଡପରେ ମହାପ୍ରସାଦ ବଣ୍ଟନ କରାଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ଭଗବାନ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମରେନ୍ଦ୍ର ସାହୁ ଯୋଗଦେଇ ସାରା ପୃଥିବୀର ଆରାଧ୍ୟ ଦେବତା, ଓଡିଶା ବାସୀଙ୍କ ହୃଦୟର ଠାକୁର ପ୍ରଭୁ ଜଗନ୍ନାଥଙ୍କ ପ୍ରସାଦ ବଣ୍ଟନ କରାଯିବ ଥିବାରୁ ପରିବାରର ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ପରିବାର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଦାଶ ତାଙ୍କ ଅଭିଭାଷଣରେ କହିଥିଲେ କରୋନା ମହାମାରୀ ସମୟରେ ଏହି ପରିବାର ତିଆରି ହୋଇଛି । ଜଣେ ବରିଷ୍ଠ ନାଗରିକ କରୋନା ପିଡିତ ହୋଇ ଘରେ ଯନ୍ତ୍ରଣାରେ ଛଟପଟ ହେଉଥିବା ସମୟରେ ଆହା ପଦେ କହିବାକୁ କେହି ଅସି ନଥିଲେ । ଆମ ପରିବାରର ସଦସ୍ୟ ମାନେ କରୋନାକୁ ଖାତିରି ନକରି ତାଙ୍କୁ ଡାକ୍ତର ଖାନାରେ ପହଞ୍ଚାଇବା ସହିତ ସେବା ଯୋଗାଇ ଦେଇଥିଲେ । ଏହି ଭଳି ଅନ୍ୟାନ୍ୟ ଅସୁବିଧାରେ ଲୋକଙ୍କ ପାଖରେ ପରିବାରର ସଦସ୍ୟ ମାନେ ପହଞ୍ଚି ସେବା ଯୋଗାଇ ଆସୁଛନ୍ତି । ଖାଲି ସେତିକି ନୁହେଁ ପରିବାର ପକ୍ଷରୁ ବୃକ୍ଷ ରୋପଣ, ଜଳସେବା, ରକ୍ତଦାନ ଭଳି ଜନହିତକର କାର୍ଯ୍ୟ ଜାରି ରହିଛି । ପୂଜା ପର୍ବାଣୀରେ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ କାର୍ଯ୍ୟକ୍ରମ କରାଯାଉଛି । ଆଗାମୀ ଦିନରେ ଏହାକୁ ଆହୁରି ତ୍ୱରାନିତ୍ୱ କରାଯିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସାରଦା ପ୍ରସାଦ ମହାନ୍ତି, ଆଶିଷ ପରିଜା, ମାନସ କୁମାର ମହାନ୍ତି, ଅକ୍ଷୟ ନାୟକ, ଦୁଷ୍ମନ୍ତ ପାଣିଗ୍ରାହୀ, ମନୋରନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ୧୫ ନିର୍ଦ୍ଦେଶକ ପଦବୀ ପାଇଁ ମନୋନୟନପତ୍ର ଦାଖଲ



କେନ୍ଦୁଝର, (ପି.ଏନ): କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ୧୫ଟି ନିର୍ଦ୍ଦେଶକ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେଉଛି । ମୋଟ ୧୬ ଜଣ ପ୍ରାର୍ଥୀଙ୍କ ଠାରୁ ୬୬ ସେଟ ନିର୍ଦ୍ଧାରିତ ଫି ଓ ଅମାନତ ସହ ମନୋନାୟନ ପତ୍ର ନିର୍ବାଚନ ଅଧିକାରୀ ଅଜୟ କୁମାର ସେଠୀ ଙ୍କ ନିକଟରେ ଦାଖଲ କରିଛନ୍ତି । କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ଅନୁବନ୍ଧିତ ୯୦ଟି ପ୍ରାଥମିକ ସମବାୟ ସମିତିର ନିର୍ବାଚିତ ନିର୍ଦ୍ଦେଶକ ଏହି ନିର୍ବାଚନରେ ଅଂଶଗ୍ରହଣ କରୁଛନ୍ତି । ୧୫ ଟି ଜୋନରୁ ମଧ୍ୟରୁ କେବଳ ୫ ନଂ ଜୋନରେ ୨ ଜଣ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ଅନ୍ୟ ଗୁଡିକରେ ଜଣେ ଲେଖାଏ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ନାମାଙ୍କନ ପାତ୍ର ଯାଂଚ ଓ ପ୍ରତ୍ୟାହାର ତାରିଖ ପରେ ୫ ନଂ ଜୋନରେ ନିର୍ବାଚନ ହେବ କି ନାହିଁ ତାହା ସ୍ପଷ୍ଟ ହେବ । ବିଜୁ ଜନତା ଦଳ ସମର୍ଥିତ ସମସ୍ତ ୧୫ ଟି ଜୋନ ପାଇଁ ପ୍ରାର୍ଥୀ ଦେଇଥିବାରୁ ବିଜେଡି ହାତକୁ କେନ୍ଦୁଝର ଜିଲ୍ଲାର ସମବାୟ ବ୍ୟାଙ୍କର ସମସ୍ତ ନିର୍ଦ୍ଦେଶକ ପଦବୀ ଯିବା ଏକ ପ୍ରକାର ନିଶ୍ଚିତ ହୋଇଛି । ୧ ନଂ ଜୋନ ଅନୁସୂଚିତ ଜନଜାତି ପୁରୁଷ ବର୍ଗର ଜୋନ ପାଇଁ କାଳିଆହତା ଲ୍ୟାମ୍ପସ ନିର୍ଦ୍ଦେଶକ ମହେନ୍ଦ୍ର କୁମାର ନାୟକ,୨ ନଂ ଜୋନ ଅନୁସୂଚିତ ଜନଜାତି ମହିଳା ରେ ସଦର ଲ୍ୟାମ୍ପସ ନିର୍ଦ୍ଦେଶକ ଗୋଲାପ ନାଏକ,୩ ନଂ ଜୋନ ପଛୁଆ ବର୍ଗ ତଥା ସାମାଜିକ ଓ ଶିକ୍ଷା ପଛୁଆ ବର୍ଗ ପୁରୁଷରେ ଗୋଡବାନ୍ଧଗୋଡା ସେବା ସମବାୟ ସମିତିର ନିର୍ଦ୍ଦେଶକ ଦେବପ୍ରୀୟ ପାତ୍ର,୪ ନଂ ଜୋନ ପଛୁଆ ବର୍ଗ ତଥା ସାମାଜିକ ଓ ଶିକ୍ଷା ପଛୁଆ ବର୍ଗ ପୁରୁଷରେ ପଂଚୁପଲ୍ଲୀ ସେବା ସମବାୟ ସମିତିର ନିର୍ଦ୍ଦେଶକ କିଶୋର କୁମାର ଜେନା,୫ ନଂ ଜୋନ ପଛୁଆ ବର୍ଗ ପୁରୁଷରେ ତରତରା ସେବା ସମବାୟ ସମିତିର ସୁବ୍ରତ କୁମାର ସାମଲ ଏବଂ ଫକୀରପୁର ସେବା ସମବାୟ ସମିତିର ନିର୍ଦ୍ଦେଶକ ନରେନ୍ଦ୍ର କୁମାର ସୂତାର ମନୋନୟନ ପତ୍ର ଦାଖଲ କରିଛନ୍ତି । ସେହିପରି ୬ ନଂ ଜୋନ ଅନୁସୂଚିତ ଜନଜାତି ପୁରୁଷରେ ରାଜନଗର ଲ୍ୟାମ୍ପସ ର ନିର୍ଦ୍ଦେଶକ ପ୍ରଫୁଲ୍ଲ ନାଏକ,୭ ନଂ ଜୋନ ପଛୁଆ ବର୍ଗ ପୁରୁଷରେ ପାଟଣା ଲ୍ୟାମ୍ପସ ର ନିର୍ଦ୍ଦେଶକ ମାଧବାନନ୍ଦ ପୃଷ୍ଟି,୮ ନଂ ଜୋନ ଅନୁସୂଚିତ ପୁରୁଷ ବର୍ଗରେ ଖଲଣା ସେବା ସମବାୟ ସମିତିର ନିର୍ଦ୍ଦେଶକ ମଙ୍ଗୁଳି ଚରଣ ନାହକ,୯ ନଂ ଜୋନ ଅନୁସଚୂିତ ଜନଜାତି ପୁରୁଷ ବର୍ଗରେ ଜଂଘିରା ଲ୍ୟାମ୍ପସ ର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ,୧୦ ନଂ ଜୋନ ପଛୁଆ ବର୍ଗ ପୁରୁଷରେ ଆନନ୍ଦପୁର ଉପଖଣ୍ଡୀୟ ଗୃହ ନିର୍ମାଣ ସମବାୟ ସମିତିର ନିର୍ଦ୍ଦେଶକ ବିଦ୍ୟୁତ୍ କୁମାର ନାୟକ,୧୧ ନଂ ଜୋନ ଅଣସଂରକ୍ଷିତ ମହିଳା ବର୍ଗରେ ମା' ମଙ୍ଗଳା ଫାର୍ମ ମେକାନିଜିଂ କୋ-ଅପରେଟିଭ ସୋସାଇଟି ର ନିର୍ଦ୍ଦେଶକ ରଶ୍ମୀ ରେଖା ଚକ୍ର,୧୨ ନଂ ଜୋନ ପାଇଁ ଅନୁସୂଚିତ ଜାତି ପୁରୁଷ ବର୍ଗରେ ଡଅଁର ସେବା ସମବାୟ ସମିତିର ନିର୍ଦ୍ଦେଶକ ସୁରେନ୍ଦ୍ର କାଣ୍ଡି,୧୩ ନଂ ଜୋନ ଅଣସଂରକ୍ଷିତ ମହିଳା ବର୍ଗରେ ଚମ୍ପୁଆ ଲ୍ୟାମ୍ପସ ନିର୍ଦ୍ଦେଶକ ତିଲୋତ୍ତମା ମାଝୀ,୧୪ ନଂ ଜୋନ ପାଇଁ ଅଣ ସଂରକ୍ଷିତ ପୁରୁଷ ବର୍ଗରେ କେନ୍ଦୁଝର ଉପଖଣ୍ଡୀୟ ସେବା ସମବାୟ ସମିତି ନିର୍ଦ୍ଦେଶକ କାନନ ବିହାରୀ ପହି,୧୫ ନଂ ଜୋନ ପାଇଁ ପଛୁଆ ବର୍ଗ ମହିଳା ବର୍ଗରେ ଚମ୍ପୁଆ ଉପଖଣ୍ଡୀୟ ଗୃହ ନିର୍ମାଣ ସମବାୟ ସମିତି ର ନିର୍ଦ୍ଦେଶକ ନିର୍ମଳା ପାତ୍ର ଆଜି ମନୋନୟନ ପତ୍ର ଦାଖଲ କରିଛନ୍ତି ।

# ପାରାଦୀପକୁ ଶ୍ରେଷ୍ଠ ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର : ପୌରାଧ୍ୟକ୍ଷଙ୍କୁ ଅଭିନନ୍ଦନ ଜଣାଇଲେ କାର୍ଯ୍ୟରତ ସାମ୍ବାଦିକ



ପାରାଦୀପ,(ପି.ଏନ): ଚଳିତ ବର୍ଷ ମଧ୍ୟ ପାରାଦୀପ ସହରକୁ କେନ୍ଦ୍ର ସରକାରଙ୍କ ନଗର ଉନ୍ନୟନ ବିଭାର ପକ୍ଷରୁ ଓଡିଶାର ଶ୍ରେଷ୍ଠ ସ୍ୱଚ୍ଛ ସହର ଭାବେ ପୁରସ୍କୃତ କରାଯାଇଛି । ଗତ ୧ ତାରିଖ ଦିନ ନୂଆଦିଲ୍ଲୀ ଠାରେ ଭାରତ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମ୍ମୁ ପାରାଦୀପ ପୌରପାଳିକାକୁ ଓଡିଶାର ଶ୍ରେଷ୍ଟ ସ୍ୱଚ୍ଛ ସହରର ପୁରସ୍କାର ପ୍ରଦାନ କରିଥିଲେ । ପାରାଦୀପର ପୌରପାଳ ବସେ' ବିଶ୍ୱାଳ, ଜଗତସିଂହପୁର ଜିଲ୍ଲାପାଳ ପାରୁଲ ପଟଓାରୀ, ଅତିରିକ୍ତ ଜିଲ୍ଲାପାଳ ତଥା ପୌର ନିର୍ବାହୀ ଅଧିକାରୀ ଡା. କାହ୍ନୁ ଚରଣ ଧିର ଯୋଗ ଦେଇ ଏହି ପୁରସ୍କାର ଗ୍ରହଣ କରିଥିଲେ । ଏହି ସଫଳତା ପଛରେ ପୌରପାଳ ବସେ' ବିଶ୍ୱାଳଙ୍କ ଅବଦାନ ଅତୁଳନୀୟ । ଶ୍ରୀ ବିଶ୍ୱାଳଙ୍କର ଏହି ସଫଳତା ତଥା ଅବଦାନ ପାଇଁ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ସୋମବାର ଦିନ ପାରାଦୀପ ବଡପଡିଆସ୍ଥିତ ପ୍ରେସ୍ ଛକ ନିକଟରେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବରିଷ୍ଟ କାର୍ଯ୍ୟରତ ସାମ୍ବାଦିକ ଶୁକଦେବ ଜେନା, ଶରତ ରାଉତ,ସଂଜୟ କୁମାର ମିଶ୍ର, ଶଶାଙ୍କ ଶେଖର ଆଚାର୍ଯ୍ୟ, ରବିନ୍ଦ୍ର ଜେନା,ରାକେଶ ପଟ୍ଟନାୟକ, ବିବେକାନନ୍ଦ ରାଉତ, ଦିପକ ଦାସ, ଜଗନ୍ନାଥ ଶତପଥୀ ପ୍ରମୁଖ ଶ୍ରୀ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଶୁଭକାମନା ଜଣାଇଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES for Std I to Std V Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray